## ସଂକ୍ଷେପରେ

### କୁଆଖାଇ ନଦୀବନ୍ଧର ପ୍ରଶସ୍ତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଫୁଲନଖରା,୨୪।୨(ସତ୍ୟ ରଞ୍ଜନ ଦାସମହାପାତ୍ର)

କୁଆଖାଇ ନଦୀବନ୍ଧର ବିଏମ୍‌ସି ୪ନଂ. ୱାର୍ଡ ହରିଦାସପୁର ସ୍ୱପ୍ନେଶ୍ୱର ମନ୍ଦିରଠାରୁ ସିଏମ୍‌ସି ୫୯ନଂ. ୱାର୍ଡ ପୁରୁଣା କାଚରାମାଳ ପର୍ଯ୍ୟନ୍ତ ଦୀର୍ଘ ୭.୩ କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ ସହିତ ପିଚୁ କରାଯିବ। ଶନିବାର ନୂଆପାଟଣାଠାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇଥିଲେ। ୧୧ କୋଟି ୫୦ ଲକ୍ଷ ବ୍ୟୟରେ ହେବାକୁ ଥିବା ନଦୀବନ୍ଧର ୧୮ ଫୁଟ ଓସାର ପିଚୁ ହେବ। ରାସ୍ତା କାମଟି ଆଗାମୀ ୧୦ ମାସ ଭିତରେ ସରିବ ବୋଲି ଆର୍ ଆଣ୍ଡ ବି ଏସ୍‌ଡିଓ ଦୟା ସାଗର ସାହୁ କହିଛନ୍ତି। ଏଥିରେ ନିକଟ ୫ଟି ଗ୍ରାମ ଯଥା ବଙ୍ଗୁଆରୀ, ନୂଆପାଟଣା, ପୁରୁଣା କାଚରାମାଳ, ହରିଦାସପୁର ଓ ନହରକଣ୍ଟାର ଜନସାଧାରଣ ଉପକୃତ ହେବା ସହ ବନ୍ୟା ପରିସ୍ଥିତିରେ ମୁକାବିଲା ହୋଇପାରିବ। ଏହି ରାସ୍ତା ନିର୍ମାଣ ହେଲେ କଟକ ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥର ହଂସପାଳ ଛକଠାରୁ ଫୁଲନଖରା ପର୍ଯ୍ୟନ୍ତ ହେଉଥିବା ଟ୍ରାଫିକ ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମତ୍ସ୍ୟ ନିଗମ ଅଧ୍ୟକ୍ଷ ଭାବେ ସୁବାସ ଚନ୍ଦ୍ର ପାତ୍ର, ବିଏମ୍‌ସି ୪ ନଂ. ୱାର୍ଡ କର୍ପୋରେଟର ସୁକୁମାର ସାହୁ, କଟକ ସିଏମ୍‌ସି ୫୯ ନଂ. ୱାର୍ଡ ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ସାମାଜିକ କର୍ମୀ ଅକ୍ଷୟ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ବାହାର ଅପରାଧୀଙ୍କୁ ଧରିବାକୁ ବଳପାଉନି

■ଆପାର୍ଟମେଣ୍ଟ ଚୋରିରେ ପୋଲିସ୍ ହାତ ଖାଲି

■ଅଧିକାରୀଙ୍କୁ ତାଗିଦ୍ କଲେ ପୋଲିସ କମିଶନର

ଭୁବନେଶ୍ୱର,୨୪।୨(ସୂର୍ଯ୍ୟକାନ୍ତ ବେହେରା)



ଭୁବନେଶ୍ୱରରେ ଗତ କିଛିମାସ ହେବ ବାହାର ରାଜ୍ୟର ଅପରାଧୀ ସକ୍ରିୟ ହୋଇଉଠିଛନ୍ତି। ସେମାନଙ୍କ ସହ ହାତ ମିଳାଇଛନ୍ତି ସ୍ଥାନୀୟ ଅପରାଧୀ। ଫଳରେ ସହରରେ ଲୁଟ୍, ଚୋରି ଓ ଡକାୟତି ବଢ଼ୁଛି। ଅପରାଧୀମାନେ ପୋଲିସକୁ ଚ୍ୟାଲେଞ୍ଜ କରି ଗୋଟିକ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ହେଲେ ନିଦ ହଜାଇଥିବା ଆପାର୍ଟମେଣ୍ଟ ଚୋରି ଘଟଣାରେ ବାହାର ରାଜ୍ୟର ଅପରାଧୀ ଗୋଷ୍ଠୀ ସମ୍ପୃକ୍ତ ଥିବା କହି ନିଜ ଦକ୍ଷତାକୁ ଲୁଚାଉଛି କମିଶନରେଟ ପୋଲିସ। ନୂଆ ନୂଆ ତରିକାରେ ଅପରାଧୀମାନେ ଏପରି କାଣ୍ଡ ଘଟାଉଛନ୍ତି ଯେ ପୋଲିସ ମଧ୍ୟ ସେମାନଙ୍କ ବିଷୟରେ ସୁରାକ ପାଇପାରୁନାହିଁ। ଘଟଣାସ୍ଥଳକୁ ଯାଇ ପୋଲିସ ସିସିଟିଭି ଫୁଟେଜରୁ ଅପରାଧୀଙ୍କୁ ଚିହ୍ନଟ କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ସହଜରେ ପାଇ ପାରୁନାହିଁ। ବଡ ଲୁଟ୍ ଏବଂ ଚୋରି ଘଟଣାରେ ପର୍ଦ୍ଦାଫାସ କରିବାକୁ ପୋଲିସକୁ ମାସ ମାସ ଲାଗି ଯାଉଛି। ତେବେ ଘଟଣା ପଛରେ ବାହାର ରାଜ୍ୟର ଗ୍ୟାଙ୍ଗର ହାତ ରହିଥିବା ପୋଲିସ ନିଜେ କହୁଥିଲେ ମଧ୍ୟ ଅଭିଯୁକ୍ତଙ୍କୁ କାହିଁକି ଧରିବାକୁ ସେତିକି ତତ୍ପରତା ଦେଖାଉ ନ ଥିବା ଗତ କିଛିଦିନର ଘଟଣାବଳୀରୁ ସ୍ପଷ୍ଟ ଜଣାପଡୁଛି। ବାହାର ଅପରାଧୀଙ୍କୁ ଧରିବାକୁ ପୋଲିସ ଚାହିଁ ନାହିଁ ନା ବଳ ପାଉନି ତାହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ପରବର୍ତ୍ତୀ ସମୟରେ କମିଶନରେଟ ପୋଲିସ କିଛି ଗ୍ୟାଙ୍ଗକୁ ଧରୁଥିଲେ ମଧ୍ୟ ସକ୍ରିୟ ଥିବା ଅନ୍ୟ ଅଭିଯୁକ୍ତମାନେ ଏଯାଏ ଧରାପଡିନାହାଁନ୍ତି। ଅନ୍ୟପଟେ ସହରରେ ଅପରାଧୀଙ୍କ ଏଭଳି ଉତ୍ପାତ ଯୋଗୁ ଜନସାଧାରଣ ଅତିଷ୍ଠ ହୋଇପଡୁଥିବାବେଳେ ନୂଆ ପୋଲିସ କମିଶନର ସବୁ ଥାନାର ଅଧିକାରୀଙ୍କୁ ଡକାଇ ତାଗିଦ୍ କରିଛନ୍ତି। ଶନିବାର ଭୁବନେଶ୍ୱରସ୍ଥିତ ପୋଲିସ କମିଶନରେଟର ମୁଖ୍ୟ କାର୍ଯ୍ୟାଳୟରେ ସମସ୍ତ ଥାନା ଅଧିକାରୀ ଓ କେତେଜଣ ବରିଷ୍ଠ ଅଧିକାରୀଙ୍କ ସହ ଏକ ବୈଠକ କରି ଏନେଇ ଆଲୋଚନା କରିଛନ୍ତି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତ। ସେହିପରି ପାଟ୍ରୋଲିଂ ଠିକ ଭାବେ ହେଉ ନ ଥିବା ଏକାଧିକ ଅଭିଯୋଗ ଆସିବା ପରେ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରି କଡାକଡି ପାଟ୍ରୋଲିଂ କରିବାକୁ କହିଛନ୍ତି। ଏନେଇ ଜଣେ ବରିଷ୍ଠ ପୋଲିସ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଦୀର୍ଘ ୫ ମାସ ହେଲା ଏହି ଗ୍ୟାଙ୍ଗ କମିଶନରେଟ ପୋଲିସ ଅଞ୍ଚଳ ସହ ଅନ୍ୟ ଜିଲାଗୁଡ଼ିକରେ ସକ୍ରିୟ ଅଛନ୍ତି। ଗ୍ୟାଙ୍ଗରେ ୧୦୦ରୁ ଅଧିକ ସଦସ୍ୟ ରହିଛନ୍ତି। ସମସ୍ତେ ଉଚ୍ଚ ଶିକ୍ଷିତ। ଏମାନେ ବସ୍ତି, ବସ୍ ଷ୍ଟାଣ୍ଡ, ରେଳଷ୍ଟେଶନ ହସ୍ପିଟାଲ ଭଳି ସ୍ଥାନରେ ରହି ଆପରାଧିକ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ଚିହ୍ନଟ କରିବା ଲାଗି ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ଅନ୍ୟପକ୍ଷରେ ବାହାର ଗ୍ୟାଙ୍ଗର ଅପରାଧୀମାନେ ଏଠାକୁ ଆସିବାର ଅନ୍ୟଏକ କାରଣ ହେଉଛି ଆତ୍ମଗୋପନ। ନିଜ ରାଜ୍ୟରେ ଆପରାଧିକ କାର୍ଯ୍ୟକଳାପ ଘଟାଇବା ପରେ ପୋଲିସ ନଜରରୁ ବର୍ତ୍ତିବା ଲାଗି ଏଠାକୁ ଚାଲିଆସି ଏଠାରେ ମଧ୍ୟ ଅପରାଧ ଘଟାଉଥିବା ପୋଲିସ ଅଧିକାରୀ ଜଣକ କହିଛନ୍ତି ।

### ଅପରାଧିଙ୍କୁ ଚିହ୍ନଟ କରାଯାଇଛି, ଶୀଘ୍ର ଧରାହେବେ

ବିଭିନ୍ନ ଆପାର୍ଟମେଣ୍ଟ ଚୋରିର ଘଟଣାକୁ ନେଇ ତର୍ଜମା କରି ସମସ୍ତ କେସର ତଦନ୍ତକାରୀ ଅଧିକାରୀ ଓ ଥାନାର ଅଧିକାରୀ ଏବଂ ଏସିପିମାନଙ୍କ ସହ ଆଲୋଚନ କରାଯାଇ ଘଟଣାରେ ତଦନ୍ତ କେତେବାଟ ଗଲା ତାହାର ସମୀକ୍ଷା କରାଯାଇଛି । ଏହାସହ ଜବତ ହୋଇଥିବା ସିସିଟିଭି ଫୁଟେଜକୁ ନେଇ କେଉଁ ଗ୍ରୁପ ରହିଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ତଦନ୍ତ ଜାରି ରହିଛି । ସେହିପରି ବିଭିନ୍ନ ଥାନା ମଧ୍ୟରେ କେମିତି ମିଳିତ ସହଯୋଗରେ ଗ୍ୟାଙ୍ଗ ଗୁଡିକୁ ଚିହ୍ନଟ କରାଯାଇ ସେମାନଙ୍କୁ ଗିରଫ କରାଯିବ ସେନେଇ ଆଲୋଚନା କରାଯାଇଥିଲା । ସେହିପରି ତଦନ୍ତରେ ଭଲ ରହିଛି । କିଛି ଅପରାଧିଙ୍କୁ ଚିହ୍ନଟ କରାଯାଇଛି । ଖୁବଶୀଘ୍ର ଭଲ ଖବର ଦିଆଯିବ ବୋଲି କହିଥିଲେ । ଅପରପକ୍ଷେ ଆପାର୍ଟମେଣ୍ଟଗୁଡିକରେ ସୁରକ୍ଷା ବ୍ୟବସ୍ଥା କେମିତି ଭଲ ହୋଇ ପାରିବ ସେନେଇ ଆପାର୍ଟମେଣ୍ଟର ସଭାପତି ଓ ସମ୍ପାଦକ ରହିଛନ୍ତି ତାଙ୍କ ସହିତ ସୋମବାର ଆଲୋଚନା କରାଯିବ ବୋଲି ସେ କହିଥିଲେ ।

-ସଞ୍ଜୀବ ପଣ୍ଡା,ପୋଲିସ କମିଶନର

### ପୋଲିସ ଅପରାଧ ରୋକିବାରେ ସେଭଳି ତତ୍ପର ହେଉନାହିଁ

ଦିନ ହେଉ ବା ରାତି ସମୟରେ ସହରରେ ବିଭିନ୍ନ ଥାନା ଅଞ୍ଚଳରେ କ୍ରମାଗତ ଭାବେ ଅପରାଧୀମାନେ ଅନେକ ସ୍ଥାନରେ ଚୋରି,ଡକାୟତି,ରାହାଜାନି ଭଳି ଘଟଣା ଘଟାଇ ଫେରାର ହେଉଯାଉଛନ୍ତି । ପୋଲିସ ବ୍ଲକିଂ ନାଁରେ ରାଜସ୍ୱ ଆଦାୟ ଉପରେ ଯେଭଳି ଦୃଷ୍ଟି ଦେଉଛି ଅପରାଧୀ ରୋକିବାରେ ସେଭଳି ତତ୍ପର ହେଉନାହିଁ । ଫଳରେ ଅପରାଧୀ ଗୋଷ୍ଠୀ ସକ୍ରିୟ ହୋଇ ଉଠିଛନ୍ତି। କମିଶନରେଟ ପୋଲିସ ପକ୍ଷରୁ ଠିକ ଭାବେ ପାଟ୍ରୋଲିଂ ହେଉନାହିଁ। ପିସିଆର କର୍ମଚାରୀମାନେ କେବଳ ମଦ୍ୟପଙ୍କୁ ଧରପଗଡ ଏବଂ ଦୁର୍ଘଟଣାରେ ଆହତ ଲୋକଙ୍କୁ ହସ୍ପିଟାଲ ନେବାରେ ସୀମିତ ରହୁଛନ୍ତି। କିନ୍ତୁ ଅନେକ ସମୟରେ ପିସିଆର କର୍ମଚାରୀ ଘଟଣାସ୍ଥଳକୁ ଯିବା ପାଇଁ କୁଣ୍ଠାବୋଧ କରୁଛନ୍ତି । ଏପରିକି ଡ୍ରାଇଭର ଏବଂ କର୍ମଚାରୀମାନେ ପିସିଆରକୁ ଗୋଟାଏ ସ୍ଥାନରେ ଛିଡା କରାଇ ଗାଡି ମଧ୍ୟରେ ଶୋଇପଡୁଥିବା ମଧ୍ୟ ରାସ୍ତାରେ ଦେଖିବାକୁ ମିଳୁଛି ।

-ପ୍ରକାଶ କୁମାର ସ୍ୱାଇଁ, ରାଜଧାନୀବାସୀ

### ଗତ କିଛି ମାସର ଘଟଣାବଳୀ

**ଜାନୁୟାରୀ ୧୫–** ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ପଞ୍ଚାୟତିରାଜ ବିଭାଗର ଅତିରକ୍ତ ନିର୍ଦ୍ଦେଶକଙ୍କ ଘରୁ ୧୦ ଲକ୍ଷ ଟଙ୍କାର ସୁନା ଗହଣା ସହ ଲକ୍ଷେରୁ ଅଧିକ ଟଙ୍କା ଚୋରି ହୋଇଥିଲା ।

**ଫେବୃଆରୀ ୧–** ପାହାଳ ଥାନା ଭୀମପୁର କଲ୍ୟାଣୀ ହାଇଟସ ଆପାର୍ଟମେଣ୍ଟରୁ ଦୁର୍ବୃତ୍ତମାନେ ୨୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିଲା ।

**ଫେବୃୟାରୀ ୧୭–** ଶନିବାର ବିଳମ୍ବିତ ରାତିରେ ବାଲିଅନ୍ତା ଥାନା ଅନ୍ତର୍ଗତ ଗଡ ଶ୍ରୀରାମପୁରରେ ଥିବା ବର୍ଷା ରିଭେର ଆପାର୍ଟମେଣ୍ଟର ୫ଟି ଫ୍ଲାଟରୁ ଚୋରି କରି ଫେରାର ହେବାରେ ସକ୍ଷମ ହୋଇଛନ୍ତି। ରାତିକ ମଧ୍ୟରେ ଆପାର୍ଟମେଣ୍ଟରୁ ୫୦ ଲକ୍ଷ ଟଙ୍କାର ସମ୍ପତ୍ତି ଚୋରି କରି ନେଇଛନ୍ତି ।

**ଫେବୃଆରି ୧୮–** କପିଳପ୍ରସାଦ କେଳୁଚରଣ ଲେନ-୫ ରେ ଥିବା ଧ୍ରୁବ ପାତ୍ରଙ୍କ ଘର ଝରକା ତାଡି ଅପରାଧୀମାନେ ୧୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ନେଇ ଫେରାର ହୋଇଯାଇଛନ୍ତି ।

**ଅକ୍ଟୋବର୨୦୨୩–** ଇନଫୋସିଟି ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ରାଜବାଟିକା କମ୍ପ୍ଲେକ୍ସ ଆପାର୍ଟମେଣ୍ଟର ୪ ଟି ଫ୍ଲାଟରୁ କୋଟିଏ ଟଙ୍କାରୁ ଅଧିକ ସମ୍ପତ୍ତି ଦୁର୍ବୃତ୍ତ ଚୋରି କରି ନେଇଥିଲେ ।

**୧୧ ଡିସେମ୍ବର ୨୦୨୩–** ଲିଙ୍ଗରାଜ ଥାନା ଅନ୍ତର୍ଗତ ହାଟ ସାହିରେ ଥିବା ଏସବିଆଇ ଏଟିଏମରୁ ଦୁର୍ବୃତ୍ତମାନେ ଗ୍ୟାସ କଟର ସାହାଯ୍ୟରେ ୧୦.୫୯ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ଫେରାର ବେଳେ ଦୁର୍ବୃତ୍ତମାନେ ସିସିଟିଭି ଉପରେ ସ୍ପ୍ରେ ମାରି ଥିବାରୁ ପୋଲିସ ସେମାନଙ୍କୁ ଚିହ୍ନଟ କରି ପାରିନଥିଲା । ଖୋଦ ଡିସିପି ପ୍ରତୀସ ସିଂ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ପଚରାଉଚରା କରିବା ସହ ଏହି ଚୋରିରେ ଏକ ଧୁରନ୍ଧର ଗ୍ୟାଙ୍ଗର ହାତ ରହିଥିବା କହିଥିଲେ । ଏପରିକି ବାହାର ରାଜ୍ୟର ଗ୍ୟାଙ୍ଗଙ୍କ ସଂପୃକ୍ତ ରହିଥିବା ସନ୍ଦେହ କରି କହିଥିଲେ ।

## ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ପରାମର୍ଶ

ବାଲିଅନ୍ତା,୨୪।୨(ନୀଳମାଧବ ସାହୁ)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୧୨ତମ ଜୟନ୍ତୀ ସମାରୋହ ଉପଲକ୍ଷେ ବାଲିଅନ୍ତା ଶାଖା ପକ୍ଷରୁ ଶନିବାର ଭୁବନପୁରସ୍ଥିତ ମା' ଉତ୍ତରମୁଖୀ ମନ୍ଦିର ପରିସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଅନ୍ତା ବ୍ଲକର ସମସ୍ତ ପ୍ରାଥମିକ ସେବା ସମବାୟ ସମିତି ସଭାପତି, ସମ୍ପାଦକ, ଗ୍ରାହକ, ଅଂଶୀଦାର ଓ ଜମାକାରୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ ଯୋଗଦେଇ ଏହି ବର୍ଷରେ ସାଧାରଣ ଲୋକଙ୍କ ବ୍ୟାଙ୍କ ପ୍ରତି ବିଶ୍ୱାସ କମିଯାଇଛି। ତେଣୁ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ପଡ଼ିବ ବୋଲି ସେ କହିଥିଲେ। ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବନଶ୍ରୀ ମଲିକ ଯୋଗଦେଇ ସମବାୟ ବ୍ୟାଙ୍କ ସହିତ ଯୋଡ଼ିହୋଇ ରୁହନ୍ତୁ ଓ ସମସ୍ତ ସୁବିଧା ସୁଯୋଗ ପାଆନ୍ତୁ ବୋଲି ସେ କହିଥିଲେ। ବ୍ୟାଙ୍କ ଡାଇରେକ୍ଟର ବିପିନ ବିହାରୀ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ଧିରେନ କର, ବେଣୁଧର ଭୋଇ, ପଦ୍ମିନୀ ପ୍ରଭା ଷଡ଼ଙ୍ଗୀ, ସସ୍ମିତା ନାୟକ, ତାପସ ଜେନା, ବେଣୁଧର ପରିଡ଼ା, ସୁଧୀର ଚରଣ ପ୍ରଧାନ, ରବୀନ୍ଦ୍ର ଜେନା, ନୀଳକଣ୍ଠ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ରାୟ, ଶାଶ୍ୱତୀ ପଟ୍ଟନାୟକ, ଅକ୍ଷୟ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ସଭାକୁ ସରକଣା ସମବାୟ ସମିତି ସଭାପତି ସୋମନାଥ ସ୍ୱାଇଁ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ଜେନା ଧନ୍ୟବାଦ ଦେଇଥିଲେ। ସମ୍ପାଦକ ସାଗର ସୁନ୍ଦରାୟ, ମହେନ୍ଦ୍ର ସାହୁ, ବିଶ୍ୱନାଥ ପଣ୍ଡା, ଦେବେନ୍ଦ୍ର ପୃଷ୍ଟି, ହେମନ୍ତ ନାୟକ, ଜଗମୋହନ ଦାସ, ନିରଞ୍ଜନ ନାୟକ ଓ ସରୋଜ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।






ନୃତ୍ୟାୟନ ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ଦ୍ୱିତୀୟ ମୀରା ଫେଷ୍ଟିଭାଲ ଅଫ୍ ଡ୍ୟାନ୍ସେସରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ପଟିଆଗଡ଼ ଶିରିଡ଼ି ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ମନ୍ଦିର ପ୍ରତିଷ୍ଠା ଅବସରରେ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୪।୨ (ବନ୍ଦନା ସେଠୀ)

ପଟିଆଗଡ ଶିରିଡି ସାଇ ମନ୍ଦିରର ୧୨ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଚାଲିଥିବା ଏହି ଧାର୍ମିକ ଉତ୍ସବରେ ସୋମବାର ଅଙ୍କୁରାରୋପଣ, ନବବ୍ୟୁହ ପୂଜା, ମଣ୍ଡଳକରଣ ମଙ୍ଗଳବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇ ସୂର୍ଯ୍ୟପୂଜା, ଶାଳ ଦେବତା ଆବାହନ ଓ ଅଗ୍ନି ସ୍ଥାପନ କରାଯାଇଥିଲା। ବୁଧବାର ସୂର୍ଯ୍ୟପୂଜା, ଗୋପୂଜା, ଶାଳ ପୂଜା ସାଇନାଥଙ୍କ ପଞ୍ଚାମୃତ ମହାସ୍ନାନ ଓ ସହସ୍ରାର୍ଚ୍ଚନ, ଘୃତାହୁତୀ ଗୁରୁବାର ଦିନ ଯଥା ବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ସାଇନାଥଙ୍କ ୧୦୦୮ ନାମ ମୂଳମନ୍ତ୍ରରେ ଘୃତାହୁତୀ, ପୂର୍ଣ୍ଣାହୂତି, ଆଳତୀ, ପୁଷ୍ପାଞ୍ଜଳି ଏବଂ ଶାନ୍ତି ପାଠ ହେବା ସହିତ ସାଇ ପାଲିଙ୍କି ମେଳଣ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ୧୧ଟି ପାଲିଙ୍କି ପଟିଆ ଗାଁ ମୁଣ୍ଡରୁ ଶାଭାଯାତ୍ରାରେ ବାହାରି ମନ୍ଦିର ନିକଟରେ ପହଞ୍ଚି ଥିଲେ। ବାର୍ଷିକ ଉତ୍ସବରେ ବହୁ ନେତା ଓ ଭକ୍ତ ଯୋଗଦେଇ ଦର୍ଶନ କରିବା ସହିତ ସାଇନାଥଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଶିରିଡ଼ି ସାଇ ଟ୍ରଷ୍ଟର ଟ୍ରଷ୍ଟି ତଥା କର୍ପୋରେଟର ମିହିର କୁମାର ରାଉତଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଧନ୍ଦାମୂଳକ ପ୍ରଶିକ୍ଷକ ସଂଘର ଧାରଣା

ଭୁବନେଶ୍ୱର, ୨୪।୨(ଅସମାପିକା ସାହୁ)

ଚାକିରି ସୁରକ୍ଷା ଓ ନିଯୁକ୍ତିର ଉପଯୁକ୍ତ ସର୍ତ୍ତାବଳୀ, ବେଆଇନ ଭାବେ ଛଟେଇ ହୋଇଥିବା ଧନ୍ଦାମୂଳକ ପ୍ରଶିକ୍ଷକଙ୍କ ପୁନଃ ନିଯୁକ୍ତି ଦାବିରେ ଧନ୍ଦାମୂଳକ ପ୍ରଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଛି। ସଂଘସଭାପତି ସୁନୀଲ କୁମାର ଦେବତାଙ୍କ କହିବାନୁସାରେ, ରାଜ୍ୟରେ ୨୦୧୬ରୁ ଧନ୍ଦାମୂଳକ ଶିକ୍ଷା ଆରମ୍ଭ ହୋଇ ୭ ବର୍ଷ ଅତିକ୍ରାନ୍ତ ହୋଇଛି। କାର୍ଯ୍ୟରତ ୨,୧୨୨ ଜଣ ଧନ୍ଦାମୂଳକ ପ୍ରଶିକ୍ଷକ ଏବେ ମଧ୍ୟ ବିଭିନ୍ନ ସମସ୍ୟା ଭିତରେ ଅଛନ୍ତି। ଏକ ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ କରି ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କ ଅସୁବିଧାଗୁଡ଼ିକୁ ପ୍ରତିହତ କରାଯାଉ। ସବୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧନ୍ଦାମୂଳକ ପ୍ରଶିକ୍ଷକମାନେ ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ, ଗଣଧାରଣା ଜାରି ରଖିବେ ବୋଲି ସଭାପତି କହିଛନ୍ତି।

## କାନ୍ତକବିଙ୍କ କାଳଜୟୀ ରଚନା ତାଙ୍କୁ ଅମର ରଖିଛି

**ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୧ତମ ଶ୍ରାଦ୍ଧୋତ୍ସବ**

ଭୁବନେଶ୍ୱର,୨୪।୨
(ଶର୍ମିଷ୍ଠା ପାଣିଗ୍ରାହୀ)




ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ଅଗ୍ରଣୀ ତଥା ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୧ତମ ଶ୍ରାଦ୍ଧୋତ୍ସବ ପିଏମ୍‌ଜି ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ କାନ୍ତକବିଙ୍କ ପୌତ୍ର ଗୁରୁକଲ୍ୟାଣ ମହାପାତ୍ର, ପ୍ରଭୁକଲ୍ୟାଣ ମହାପାତ୍ର, ବାଣୀକଲ୍ୟାଣ ମହାପାତ୍ର, ଉତ୍କଳ ସମ୍ମିଳନୀ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାନ୍ତକବିଙ୍କ କାଳଜୟୀ ରଚନା ତାଙ୍କୁ ଜନମାନସରେ ଅମର କରି ରଖିଛି ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ପ୍ରକାଶ କରିଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ସରୋଜ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରେଡାଇ ପକ୍ଷରୁ ଚାରା ରୋପଣ

ଭୁବନେଶ୍ୱର,୨୩।୨ (ଅନୁରାଧା ମହାରଣା)




ସିଆର୍‌ଇଡିଏଆଇ (କ୍ରେଡାଇ) ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାସହ ଗାଡ଼କଣ ରେଲୱେ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଜଳ ବିଶୋଧନ ଯନ୍ତ୍ର ମଧ୍ୟ ସ୍ଥାପନ କରାଯାଇଛି। ଛାତ୍ର, ଶିକ୍ଷକ ଏବଂ ବିଦ୍ୟାଳୟକୁ ଆସୁଥିବା ପରିଦର୍ଶକ ତଥା ଅଭିଭାବକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସିଆରଇଡିଏଆଇ ଓଡିଶା ରାଜ୍ୟ ଫେଡେରେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଦେବ ଶଙ୍କର ତ୍ରିପାଠୀ, ସୋଫିଆ ଫିର୍ଦ୍ଦୋଶ, ଉପସଭାପତି ସୌମ୍ୟଜିତ୍ ମହାନ୍ତି ଏବଂ ସଚିବ ଜଗତ କୁମାର କର, ଯୁଗ୍ମ ସଚିବ ଜ୍ୟୋତି ରଞ୍ଜନ ବେହୁରିଆ ଏବଂ ମନମୋହନ ଅଗ୍ରୱାଲ, କୋଷାଧ୍ୟକ୍ଷ ଅଶୋକ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ କମଲ ଲୋଚନ ପାତ୍ର, ଶେଖ ମାରାଜୁଲ ହକ ଏବଂ କୋଞ୍ଜେଷ୍ଟର ଜେନାଙ୍କ ସମେତ ବିଧାୟକ ସୁଶାନ୍ତ କୁମାର ରାଉତ, ସ୍ଥାନୀୟ କର୍ପୋରେଟର ଜୟନ୍ତୀ ସାହୁ, ପ୍ରସନ୍ନ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।

## ଖୋର୍ଦ୍ଧା ଜିଲା ଇପିଏଫ୍ ପେନ୍‌ସନର୍ସ ସଂଘର ଦ୍ୱିବାର୍ଷିକ ସାଧାରଣ ସଭା

**ପ୍ରଫୁଲ୍ଲ କୁମାର ଦାସ ସଭାପତି ମନୋନୀତ**

ଭୁବନେଶ୍ୱର, ୨୪।୨ (ବନ୍ଦନା ସେଠୀ)




ଅଲ୍ ଓଡ଼ିଶା ଇପିଏଫ ପେନ୍‌ସନର୍ସ ଆସୋସିଏଶନ ଖୋର୍ଦ୍ଧା ଜିଲା କମିଟିର ତୃତୀୟ ଦ୍ୱିବାର୍ଷିକ ସାଧାରଣ ସଭା ଶନିବାର ବରମୁଣ୍ଡା କାଳୀମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କମିଟି ସଭାପତି ବିଜୟ କୁମାର ଜେନା ଓ ସର୍ବଭାରତୀୟ ଉପସଭାପତି ତଥା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଅତିଥି ଭାବେ ଯୋଗଦେଇ, ରାଜ୍ୟର ସମସ୍ତ ଇପିଏଫ୍ ପେନସନଧାରୀ ଏକତ୍ରିତ ହୋଇ ଦାବି ହାସଲ ପାଇଁ ଗଣତାନ୍ତ୍ରିକ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରସରକାର ଇପିଏଫ୍ ପେନସନ୍‌ଧାରୀଙ୍କ ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ ନ କରିବା ପର୍ଯ୍ୟନ୍ତ ଏ ଲଢେଇ ଚାଲୁ ରହିବ। ଆଗାମୀ ଦିନରେ ଏ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ନେଇ ମତ ଦେଇଥିଲେ। ବର୍ଦ୍ଧିତ ପେନସନ ପ୍ରଦାନରେ ଇପିଏଫ୍ କର୍ମକର୍ତ୍ତାଙ୍କ ଟାଳଟୁଳ ନୀତିକୁ ଘୋର ନିନ୍ଦା କରିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ଆସନ୍ତା ଦୁଇବର୍ଷ ପାଇଁ କର୍ମକର୍ତ୍ତା ଓ ୧୪ ଜଣିଆ କାର୍ଯ୍ୟକାରୀ କମିଟି ସଭ୍ୟ ମନୋନୀତ କରାଯାଇଥିଲା। ପ୍ରଫୁଲ୍ଲ କୁମାର ଦାସ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ପ୍ରକାଶ ପଟ୍ଟନାୟକ ସମ୍ପାଦକ, ସଚ୍ଚିଦାନନ୍ଦ ସାମନ୍ତରାୟ ଓ ସରୋଜକାନ୍ତ ମଲ୍ଲିକ ଉପସଭାପତି, ବିଜୟ ପଟ୍ଟନାୟକ ଓ ନବକିଶୋର ରଣା ଯୁଗ୍ମସମ୍ପାଦକ, ମିହିର ରାୟ ସଂଗଠକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ବିପିନ ପାଢୀ ଓ ନଟବର ଆଚାର୍ଯ୍ୟ ଯୋଗଦେଇ ସଂଘର ଉନ୍ନତି କାମନା କରିଥିଲେ।

## ଯୁବତୀଙ୍କୁ ବ୍ଲାକମେଲିଂ, ନକଲି ନୌସେନା ଅଧିକାରୀ ଗିରଫ

ଭୁବନେଶ୍ୱର,୨୪।୨(ସୂର୍ଯ୍ୟକାନ୍ତ ବେହେରା)




ଯୁବତୀଙ୍କ ଆପତ୍ତିଜନକ ଫଟୋ ଓ ଭିଡିଓ ଭାଇରଲ କରିବା ଧମକ ଦେବା ସହ ତାଙ୍କ ବିବାହ ଭାଙ୍ଗିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଜଗତସିଂହପୁର ଜିଲା ବିରିଡି ଥାନା ଅଞ୍ଚଳର ସୌମ୍ୟ ରଞ୍ଜନ ମିଶ୍ର । ସେ ନିଜକୁ ନୌସେନା ଅଧିକାରୀ ପରିଚୟ ଦେଇ ଏପରି କାଣ୍ଡ ଘଟାଇଛନ୍ତି। ତାଙ୍କଠାରୁ ଗୋଟିଏ କାର ,ମୋବାଇଲ,ଲାପଟପ ଜବତ ହୋଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ପୀଡିତାଙ୍କ ବାପା ଝିଅର ବିବାହ ପାଇଁ ମାଟ୍ରିମୋନିଆଲରେ ଗୋଟିଏ ପ୍ରୋଫାଇଲ ଖୋଲିଥିଲେ। ଏହାପରେ ତାଙ୍କ ପାଖକୁ ଅଭିଯୁକ୍ତଙ୍କ ପ୍ରୋଫାଇଲ ଆସିଥିଲା। ସେଥିରେ ଦିଆଯାଇଥିବା ମୋବାଇଲ୍ ନମ୍ବରରେ ଅଭିଯୁକ୍ତଙ୍କୁ ଯୋଗାଯୋଗ କରିବାରୁ ସେ ନିଜକୁ ମୁମ୍ବାଇରେ କାର୍ଯ୍ୟରତ ନାଭାଲ ଅଫିସର ପରିଚୟ ଦେଇ ପୀଡିତାଙ୍କୁ ବିବାହ ପାଇଁ ଆଗ୍ରହ ଦେଖାଇଥିଲେ। ସମୟକ୍ରମେ ଅଭିଯୁକ୍ତ ଜଣକ ପୀଡିତା ଓ ତାଙ୍କର ପରିବାର ସଦସ୍ୟଙ୍କ ସହିତ ଚତୁରତାର ସହ ସମ୍ପର୍କ ବଢାଇଥିଲେ। ଏଥିସହ ତାଙ୍କ ମୋବାଇଲରେ ପୀଡିତାଙ୍କ ସହିତ ଅନ୍ତରଙ୍ଗ ସମ୍ପର୍କକୁ ରେକର୍ଡ କରିଥିଲେ। ଅଭିଯୁକ୍ତ ଜଣକ ଜଣେ ଠକ ଓ ପ୍ରତାରକ ବ୍ୟକ୍ତି ଜାଣିବା ପରେ ପୀଡିତା ଓ ତାଙ୍କ ପରିବାର ସଦସ୍ୟ ଉକ୍ତ ପ୍ରସ୍ତାବକୁ ଭାଙ୍ଗି ଦେଇଥିଲେ। ଏହାପରେ ଅଭିଯୁକ୍ତ ଜଣକ ପୀଡିତାଙ୍କୁ ଖଣ୍ଡଗିରି ନିକଟସ୍ଥ ଏକ ହୋଟେଲକୁ ଡାକି ତାଙ୍କୁ ନିର୍ଯାତନା ଦେଇଥିଲେ ଏବଂ ଉକ୍ତ କାର୍ଯ୍ୟର ଭିଡିଓ ରେକର୍ଡ କରି ସେଗୁଡିକୁ ଭାଇରାଲ କରିବାର ଧମକ ଦେଇ ବ୍ଲାକମେଲ କରିଥିଲେ। ପୀଡିତା ଭୟରେ ଅଭିଯୁକ୍ତଙ୍କୁ ୫୦ ହଜାର ଦେବା ପରେ ମଧ୍ୟ ଅଭିଯୁକ୍ତ ଜଣକ ପୀଡିତାଙ୍କ ବାହାଘର ଭାଙ୍ଗିବା ପାଇଁ ତାଙ୍କ ଘରକୁ ଆସି ପରିବାର ବର୍ଗଙ୍କୁ ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ତାଙ୍କ ସହ ପୀଡିତାଙ୍କ ଆପତ୍ତିଜନକ ଫଟୋ, ଭିଡିଓ, ଧମକପୂର୍ଣ୍ଣ ତଥା ଅପମାନଜନକ ବାର୍ତ୍ତାକୁ ଯୁବତୀଙ୍କ ସହ ବିବାହ ପ୍ରସ୍ତାବ ସ୍ଥିର ହୋଇଥିବା ବ୍ୟକ୍ତିଙ୍କୁ ପଠାଇଦେଇଥିଲେ। ଏନେଇ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ ୩୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସଂକ୍ଷେପରେ

### ମା'ଭଗବତୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ନିରାକାରପୁର,୨୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗଟା-ଷଠିପଦର ଗ୍ରାମରେ ମା'ଭଗବତୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ୯ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ମହିଳା ପୁରୁଷ ବ୍ରତଧାରୀ କଳସ ଯାତ୍ରା କରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ୪ଦିନ ବ୍ୟାପୀ ଚାଲିଥିବା ଏହି ବିଶ୍ୱଶାନ୍ତି ଯଜ୍ଞରେ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ କରାଯିବା ସହ ଜଗତ୍‌କଲ୍ୟାଣ ଉଦ୍ଦେଶ୍ୟରେ ଆହୁତ ପ୍ରଦାନ କରାଯାଇଥିଲା। ହରିବୋଲ, ହୁଳହୁଳି ଓ ନାମସଂକୀର୍ତ୍ତନରେ ଯଜ୍ଞ ମଣ୍ଡପ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନିରଞ୍ଜନ ଦାଶ ଓ ବିପିନ ବିହାରୀ ପଣ୍ଡା ଯଜ୍ଞ ପରିଚାଳନା କରିଥିଲେ। କର୍ନ ସ୍ୱାଇଁ ଓ ତାଙ୍କ ସହଧର୍ମିଣୀ ଯଶୋଦା ସ୍ୱାଇଁ କର୍ତ୍ତାକର୍ତ୍ତୀଭାବେ ଦାୟିତ୍ୱ ତୁଲାଇଥିଲେ। ଭାସ୍କର ସ୍ୱାଇଁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ଦାବି ପୂରଣ ନ ହେଲେ ଭୋଟ ବର୍ଜନ

**ନିରାକାରପୁର,୨୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନରଣଗଡ଼ ପଞ୍ଚାୟତବାସୀ ଦୀର୍ଘବର୍ଷ ଧରି ଭିଟାମାଟି ସମସ୍ୟା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ଦାବିକରି ଆସୁଛନ୍ତି। ଏପରିକି ପୂର୍ବରୁ ୧୧ଦିନ ଧରି ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସତ୍ତ୍ୱେ ଅଦ୍ୟାବଧି ଦାବି ପୂରଣ ହୋଇପାରୁନାହିଁ। ତୁରନ୍ତ ଉପରୋକ୍ତ ଦୁଇଟି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ପଞ୍ଚାୟତବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ସ୍ଥାନୀୟ ହାଡପଦାସ୍ଥିତ ଦୋଳପଡିଆରେ ରବିବାର ହେବାକୁ ଥିବା ସାଧାରଣ ସଭାରେ ସମସ୍ତ ପଞ୍ଚାୟତବାସୀ ସାମିଲ ହେବା ପାଇଁ ଅଟୋ ମାଧ୍ୟମରେ ପ୍ରଚାର କରାଯାଇ ଅବଗତ କରାଯାଇଛି।

### କୁରୁପାଳରେ ୨୪ ପ୍ରହର ନାମଯଜ୍ଞ

**କୃଷ୍ଣପ୍ରସାଦ,୨୪।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଖାଡ଼ ପଞ୍ଚାୟତର କୁରୁପାଳ ଗ୍ରାମଠାରେ ଭଗବତ ଦେବଙ୍କ ପୂଜା ସହିତ ୨୪ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏଥିପାଇଁ ଗ୍ରାମ ଅମୃତ ସରୋବରରୁ କଳସ ଶୋଭାଯାତ୍ରା ହୋଇଥିଲା। ନିର୍ମଳଝରର ମଠ ମହାରାଜ ଯମୁନା ବିହାରୀ ଦାସଙ୍କ ନେତୃତ୍ୱରେ ୮ଜଣ ପଣ୍ଡିତ ଯୋଗଦେଇଥିବା ବେଳେ ପ୍ରତ୍ୟହ ଅନ୍ନଯଜ୍ଞ, ଘୃତଯଜ୍ଞ ଆଦି ଆୟୋଜନ ହୋଇଛି। ବିଭିନ୍ନ ସ୍ଥାନରୁ ୭ମେଳ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରୁଛନ୍ତି । କୁରୁପାଳ ଗ୍ରାମ୍ୟ କମିଟି ସଭାପତି ସାଧୁ ଚରଣ ସ୍ୱାଇଁ, ସମ୍ପାଦକ ଅଭୟ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ଗ୍ରାମର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଆତସବାଜି ସାଙ୍ଗକୁ ପାଇକଆଖଡା ପଦର୍ଶନ ହେଉଛି। ରବିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# 'ବିଦ୍ରୋହର ସ୍ୱର ବିକାଶର ଚାବିକାଠି'

**ବାଲୁଗାଁ,୨୪।୨(ସଂଗ୍ରାମ ପାଇକରାୟ)**

ଚିଲିକା ବିକାଶ ଓ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଅଶୋକ ନଗରସ୍ଥିତ ବଣିକ ସଂଘ ସଭାଗୃହରେ ଶନିବାର ବିକଶିତ ଭାରତ ନିର୍ମାଣରେ ଚିଲିକା ମାଟିର ଭୂମିକା ଶୀର୍ଷକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଅଧକ୍ଷ ସୁରେନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ବୀରପାଇକ ବାଣପୁର ମାଟିର ସ୍ୱାଧୀନତା ସଂଗ୍ରାମୀ ତଥା ବିଦ୍ରୋହୀ ନେତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ବିକାଶର ସ୍ୱାଦ ଚାଖିବାକୁ ହେଲେ ବିଦ୍ରୋହ ହିଁ ଏକମାତ୍ର ପନ୍ଥା ବୋଲି କହିଥିଲେ। ତେଣୁ ଚିଲିକାବାସୀ ଏ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଷ୍ଟ୍ରୀୟ



ସଭାରେ ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

ପ୍ରବକ୍ତା ଡା.ସମ୍ବିତ ପାତ୍ର, ରାଜ୍ୟ ଭାଜପା ସଙ୍ଗଠକ ପୃଥ୍ୱୀରାଜ ହରିଚନ୍ଦନ, ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ସୁସାହିତ୍ୟିକ ବିଜୟାନନ୍ଦ ସିଂ, ସଙ୍ଗଠନ ସମ୍ପାଦକ ରଞ୍ଜିତ ବଡ଼ଜେନା ପ୍ରମୁଖ ଯୋଗଦେଇ ବିକଶିତ ଭାରତ ବର୍ଷ ନିର୍ମାଣ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଫଳତା ମୂଳକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏଥିସହ ସମ୍ପ୍ରତି ଚିଲିକା ଅଞ୍ଚଳ ଏବେ ଅବହେଳିତ ଅବସ୍ଥାରେ ରହିଛି। କୃଷି, ଶିଳ୍ପ, ପର୍ଯ୍ୟଟନ ଏବଂ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସମଗ୍ର ଚିଲିକା ଅଞ୍ଚଳ ପଛୁଆ ରହିଥିବା ବେଳେ ଅଞ୍ଚଳର ଉନ୍ନତି ଓ ବିକାଶ ନିମନ୍ତେ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ବର୍ତ୍ତମାନ ଏହି ଅଞ୍ଚଳର ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀ ଏକଜୁଟ ହୋଇ ସ୍ୱର ଉଠାଇବାର ସମୟ ଆସିଛି। ବୁଦ୍ଧିଜୀବୀ ଜାଗ୍ରତ ହୋଇ ଏ ଦିଗରେ ଲୋକଙ୍କୁ ସଚେତନ କରିବା ସହ ସରକାରଙ୍କ ସମ୍ମୁଖରେ ସମସ୍ୟାଭିତ୍ତିକ ଦାବି ଏବଂ ଏହାର ଉନ୍ନତ୍ତୀକରଣ ନିମନ୍ତେ ପ୍ରସ୍ତାବ ରଖିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ରଞ୍ଜିତ ବଡ଼ଜେନା ଦନ୍ୟବାଦ ଦେଇଥିଲେ।। ଏହି କାର୍ଯ୍ୟକ୍ରମରେ ଚିଲିକା ଅଞ୍ଚଳର ବିଭିନ୍ନ ସଚେତନ ନାଗରିକ ସଙ୍ଗଠନର ସଦସ୍ୟ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



କୃଷ୍ଣପ୍ରସାଦ ବ୍ଲକ ଗୋପକୁଦା ଗ୍ରାମ ମା'ବନଦୁର୍ଗା କ୍ଲବର ୩୬ତମ ବାର୍ଷିକ ଉତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

## ମା'ବନଦୁର୍ଗା କ୍ଲବର ବାର୍ଷିକୋତ୍ସବ

**କୃଷ୍ଣପ୍ରସାଦ,୨୪।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋପକୁଦା ଗ୍ରାମ ମା'ବନଦୁର୍ଗା କ୍ଲବର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ସେନା କର୍ମଚାରୀ ଦୀପକ ଜେନା, ବିଆର୍‌ସିସି ସତ୍ୟବ୍ରତ ସାହୁ, ଶିକ୍ଷାବିତ୍ ପ୍ରଦୀପ ଦାସ ଅତିଥିଭାବେ ଯୋଗଦେଇଥିଲେ। କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜୁନିୟର ଓ ସିନିଅର ବିତର୍କ, ଗୀତ, ନୃତ୍ୟ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକଭାବେ ଶିକ୍ଷାବିତ୍ ବନ ବିହାରୀ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ବିଜୟ ବିଶ୍ୱାଳ, ଗୀତିକାର ସୁନୀଲ ମହାରଣା ଯୋଗଦେଇଥିଲେ। ଯୁଧିଷ୍ଠିର ମଲିକ ମଞ୍ଚ ପରିଚାଳନା କରିଥିଲେ। ଗୌରାଙ୍ଗ ଚରଣ ପଲେଇ, ମାନସ ରଞ୍ଜନ ପଲେଇ, ଦୁର୍ଗା ଚରଣ ବିଶ୍ୱାଳ, ସୌଭାଗ୍ୟ ବଳିୟାରସିଂହ, ପଦ୍ମ ଚରଣ ପଲେଇ, ମାନସ ପଲେଇ, ପ୍ରଭଞ୍ଜନ ପଲେଇ ସହଯୋଗ କରିଥିଲେ।

## ମହିଳାଙ୍କଠାରୁ ଝାମ୍ପିନେଲେ ସୁନାଚେନ୍, ମଙ୍ଗଳସୂତ୍ର

**ଜଟଣୀ,୨୪।୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅଧୀନ ରେଲୱେ ଟ୍ରାଫିକ କଲୋନୀ ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଓ ମଙ୍ଗଳସୂତ୍ର ଦୁର୍ବୃତ୍ତ ଝାମ୍ପିନେଇଥିବା ଶନିବାର ଅଭିଯୋଗ ହୋଇଛି। ପାର୍ବତୀ ମହାନ୍ତିଙ୍କ ଅଭିଯୋଗକୁ ଭିତ୍ତିକରି ଜଟଣୀ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମଧ୍ୟାହ୍ନରେ ପାର୍ବତୀ ପୁଅକୁ ସ୍କୁଲରୁ ଆଣିବାକୁ ଯାଉଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ପଲସରରେ ଆସି ହଠାତ୍ ତାଙ୍କ ବେକରୁ ସୁନାଚେନ ଓ ମଙ୍ଗଳସୂତ୍ର ଝାମ୍ପିନେଇ ପଳାଇଥିଲେ। ଫଳରେ ପାର୍ବତୀ ତଳେ ପଡ଼ି ଆହତ ହୋଇଥିଲେ। ପରେ ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୪ ବର୍ଷରେ ୫କେଜିରୁ ଊର୍ଦ୍ଧ୍ୱ ବ୍ରାଉନ୍‌ସୁଗାର ଜବତ

**ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରେ ନିଶା କାରବାର ବଢ଼ିଚାଲିଛି। ୨୦୨୦ରେ ୧୮ଟି ଏନ୍‌ଡିପିଏସ କେଶ ହୋଇଥିବା ବେଳେ ୧୩୬ଗ୍ରାମ ୯୭୦ଏମଜି ବ୍ରାଉନସୁଗାର, ୧୪୮କେଜି ୪ଶହ ଗ୍ରାମ ଗଞ୍ଜେଇ ଏବଂ ୨୭ ହଜାର ୨ଶହ ଟଙ୍କା ଜବତ କରାଯାଇଛି। ଏଥିରେ ୨୨ଜଣ ପୁରୁଷ, ୩ଜଣ ମହିଳାଙ୍କୁ ଗିରଫ କରାଯାଇଛି। ୨୦୨୧ରେ ୨୧ଟି କେଶରେ ୧କେଜି ୩ଗ୍ରାମ ବ୍ରାଉନସୁଗାର, ୩୧୨କେଜି ଗଞ୍ଜେଇ, ୨ଲକ୍ଷ ୭୪ ହଜାର ଟଙ୍କା ଜବତ କରାଯାଇଥିବା ବେଳେ ୩୭ଜଣ ଗିରଫ ହୋଇଛନ୍ତି। ସେଥିରୁ ୩୨ ପୁରୁଷ, ୫ଜଣ ମହିଳା ରହିଛନ୍ତି। ସେହିପରି ୨୦୨୨ରେ ୩୭ଟି କେଶ ହୋଇଥିବା ବେଳେ ୧କେଜି ୫୯୯ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର, ୨୪୪କେଜି ୪୯୫ଏମଜି ଗଞ୍ଜେଇ, ୪୧ଲକ୍ଷ ଟଙ୍କା ୯ହଜାର୧୪୦ ଟଙ୍କା ଜବତ କରାଯାଇଥିବା ବେଳେ ୯୩ଜଣଙ୍କୁ ଗିରଫ କରାଯାଇଛି। ସେଥିରୁ ୮୪ ପୁରୁଷ ଓ ୯ଜଣ ମହିଳା ରହିଛନ୍ତି। ଏଥିସହିତ ୫୧୧.୬୭୦ ଗ୍ରାମ ସୁନା, ୮୩୦ଗ୍ରାମ ରୁପା ଜବତ କରାଯାଇଛି। ୨୦୨୩ରେ ୩୩ଟି କେଶରେ ୧କେଜି ୯୬୫ଗ୍ରାମ ୧୮୦ଏମଜି ବ୍ରାଉନସୁଗାର, ୧୫୨କେଜି ୮ଶହଗ୍ରାମ ଗଞ୍ଜେଇ, ନଗଦ ୧ଲକ୍ଷ ୪୪ହଜାର ୨ଶହ ଟଙ୍କା ଜବତ କରାଯାଇଥିବା ବେଳେ ୮୧ଜଣଙ୍କୁ ଗିରଫ କରାଯାଇଛି। ସେଥିରୁ ୭୯ଜଣ ପୁରୁଷ ଓ ୨ଜଣ ମହିଳା ରହିଛନ୍ତି। ୨୦୨୪ ଫେବୃଆରୀ ୨୦ ସୁଦ୍ଧା ୩ଟି କେଶ ହୋଇଥିବା ବେଳେ ୨୯୧ ଗ୍ରାମ ୮୪୦ଏମଜି ବ୍ରାଉନସୁଗାର ଜବତ କରାଯାଇଥିବା ବେଳେ ୮ଜଣ ପୁରୁଷଙ୍କୁ ଗିରଫ କରାଯାଇଥିବା ଏସପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି।

## 'ସହଯୋଗ ରହିଲେ ଶାନ୍ତିଶୃଙ୍ଖଳା ବଜାୟ ରହିବ'

**ବୋଲଗଡ଼,୨୪।୨(ଦେବବ୍ରତ ହୋତା)**

ବୋଲଗଡ଼ ଥାନାଠାରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ନିରୀକ୍ଷିକା ସ୍ମିଗ୍ଧାମୟୀ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବା ଏବଂ ଜନସାଧାରଣଙ୍କ ମନରେ ପୋଲିସ ପ୍ରତି ଥିବା ବିଭିନ୍ନ ଭୟକୁ ଦୂର କରିବାକୁ ଚେଷ୍ଟା କରାଯାଇଥିଲା। ପୋଲିସ ବିଭାଗର ଅନେକ ନିୟମରେ ପରିବର୍ତ୍ତନ ଘଟିଛି। ଅଭିଯୋଗକାରୀ ଓ ଦୋଷୀଙ୍କୁ ଥାନା ପକ୍ଷରୁ ଉତ୍ତମ ବ୍ୟବହାର କରାଯାଉଛି। ତେଣୁ ପୋଲିସ ପ୍ରତି ଜନସାଧାରଣଙ୍କର ଭୟଭୀତ ହେବା କୌଣସି ଆବଶ୍ୟକ ନାହିଁ। ସମସ୍ତେ ସ୍ୱାଧୀନ ଚିନ୍ତାଧାରା ସହ ପୋଲିସ ସହ ଯୋଗାଯୋଗ ରଖି କାର୍ଯ୍ୟ କଲେ ଶାନ୍ତିଶୃଙ୍ଖଳା ବଜାୟ ରହିବାରେ ସହାୟକ ହେବ ବୋଲି ଥାନା ନିରୀକ୍ଷିକା ବରାଳ କହିଛନ୍ତି। ଅତିଥିଭାବେ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗୋପୀନାଥ ଖାଡଙ୍ଗାଙ୍କ ସଭାପତିତ୍ୱରେ ପ୍ରଭାତ ବାରିକ, ପଞ୍ଚୁ ଭାରିମଲ୍ଲ, ଦିବାକର ପରମଗୁରୁ, ପ୍ରଫୁଲ୍ଲ ମହାପାତ୍ର, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ରଘୁନାଥ ଦଳବେହେରା ଧନ୍ୟବାଦ ଦେଇଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ଅତିଥିଙ୍କ ଗହଣରେ କୃତୀ ପ୍ରତିଭାଧାରୀମାନେ।

**ବୋଲଗଡ଼,୨୪।୨(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକର ଗୋପାଳପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଦୀପ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଅତିଥି ବିଡିଓ ଶରତ କୁମାର ମଲ୍ଲିକ, ମୁଖ୍ୟବକ୍ତା ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ସମ୍ମାନିତ ଅତିଥି ସମିତିସଭ୍ୟ ରମେଶ ସାହୁ, ସହକାରୀ ଯନ୍ତ୍ରୀ ଅନିତା ସେନାପତି, ସୁବ୍ରତ ମହାପାତ୍ର, ସୁରୁଚି ସୁପ୍ରୀତି ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାର ମହିଳାମାନଙ୍କୁସମସ୍ତ ସୁବିଧା ଯୋଗାଇବାରେ ସାରା ଦେଶରେ ଆଗୁଆ ବୋଲି ବିଧାୟକ ସାହୁ କହିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମୁଖ୍ୟବକ୍ତା ବାହିନୀପତି କହିଥିଲେ। ବୋଲଗଡ ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦକ ଯୋଗଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ପ୍ରଦୀପ ସଂଯୋଜନା କରିଥିଲେ। ଏହି ଅବସରରେ ପଞ୍ଚାୟତ ଅଞ୍ଚଳର ୨୦୦ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଫିନାଇଲ, କୃଷି ଯନ୍ତ୍ରପାତି, ଔଷଧ ସାମଗ୍ରୀ, ଧୂପକାଠି ସହିତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ପଞ୍ଚାୟତର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ନାୟବ ସରପଞ୍ଚ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ସମାଜ ସେଚେତନତା କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବିନା ଟେଣ୍ଡରରେ ଘରୋଇ କମ୍ପାନୀକୁ ଅନୁମତି

**ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ବେଆଇନ ଖଣି ଖାଦାନ ବଢିବାରେ ଲାଗିଛି। ଦୈନିକ ଶହ ଶହ ଟ୍ରକରେ ବେଆଇନଭାବେ ମାଙ୍କଡ଼ା ପଥର, ମୋରମ ଚାଲାଣ ହେଉଛି। ଏହି ବ୍ଲକ ଅନ୍ତର୍ଗତ ଟାଙ୍ଗିଆପଡା ମୌଜାରେ ସହକାରୀ ନିର୍ଦ୍ଦେଶକ ମାଇନ୍ସ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ବିନା ଟେଣ୍ଡରରେ କଟକ ମଧୁପାଟଣା ଖପୁରିଆର ଏମ.ଏସ ଇନଫ୍ରା ଇଞ୍ଜିନିୟର ପ୍ରା.ଲିଃ କମ୍ପାନୀକୁ ମୋରମ ଉଠାଇବା ପାଇଁ ଅନୁମତି ଦିଆଯିବା ନେଇ ଚର୍ଚ୍ଚା ଜୋର ଧରିଛି। ପଞ୍ଚାୟତ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନ ଥିବା ବେଳେ ସମ୍ପୃକ୍ତ ବିଭାଗ ପକ୍ଷରୁ ଉକ୍ତ କମ୍ପାନୀକୁ ମୋରମ ଉଠାଇବା ପାଇଁ ଅନୁମତି ଦିଆଯିବାକୁ ନେଇ କେତେଜଣ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି।

**ବିଭିନ୍ନ ମହଲରେ ଅସନ୍ତୋଷ**

ସୂଚନା ମୁତାବକ, ମାଇନ୍ସ ଡିଭିଜନ ପକ୍ଷରୁ ଚିଠି ନଂ.୧୫୫/୨୩.୨.୨୪ ପ୍ରକାରେ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଟାଙ୍ଗିଆପଡା ମୌଜା ଖାତା ନମ୍ବର ୩୨୭, ପ୍ଲଟ ନମ୍ବର ୪୩ରେ ଏକ ହଜାର କ୍ୟୁବିକ ମିଟର ମୋରମ ଉଠାଇବା ପାଇଁ ଅନୁମତି ଦିଆଯାଇଛି। ୫୭ ନମ୍ବର ଜାତୀୟ ରାଜପଥ ବାଇପାସଠାରୁ ଖୋର୍ଦ୍ଧା ସହର ସଂଯୋଗ ପାଇଁ ଚାଲିଥିବା ରାସ୍ତା କାମ ପାଇଁ ଏହି ଅନୁମତି ଦିଆଯାଇଥିବା ବେଳେ ଏଥିଲାଗି କମ୍ପାନୀ ରୟାଲଟି ବାବଦକୁ ଇ-ଚାଲାଣ ନଂ. ୩୭ଇଇ୬ସି୯୩ଡିଏଫ ଯୋଗେ ୮ଲକ୍ଷ ୬୯ହଜାର ୨୦ ପଇଠ କରିଛି। ୨୨(୨୪.୨ ଠାରୁ ୧୭.୩.୨୪) ଦିନ ପାଇଁ ଏହି ଅନୁମତି ଦିଆଯାଇଥିବା ବେଳେ ଟ୍ରାନ୍ସପୋର୍ଟ ପାଇଁ ୧୫ଟି ଭେହିକିଲକୁ ଅନୁମତି ଦିଆଯାଇଥିବା ମାଇନ୍ସ ଅଫିସର ଜଗତ ବେହେରା ସୂଚନା ଦେଇଛନ୍ତି। ବିନା ଟେଣ୍ଡରରେ କମ୍ପାନୀକୁ ଅନୁକମ୍ପା ପ୍ରଶ୍ନର ଉତ୍ତରରେ କହିଥିଲେ, ସେଠାରେ ପୂର୍ବରୁ ମାଙ୍କଡା ଚୋରାଚାଲାଣ ଚାଲିଥିଲା। ଗଚ୍ଛିତ ହୋଇ ରହିଥିବା ମୋରମ ସରକାରୀ ଯୋଜନାରେ ଚାଲିଥିବା ରାସ୍ତା ନିର୍ମାଣରେ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ଏଥିବାବଦକୁ ସମ୍ପୃକ୍ତ କମ୍ପାନୀ ଟଙ୍କା ପଇଠ କରିଛନ୍ତି। ଧାର୍ଯ୍ୟ କ୍ୟୁବିକଠାରୁ ଅଧିକ ମୋରମ ଉଠାଯାଉଥିବା ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ବିନା ଟେଣ୍ଡରରେ ଅନୁମତିକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ କାହିଁକି ଏନେଇ ଟେଣ୍ଡର କରାଗଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଛତିଶଗଡ଼ ରାଜ୍ୟପାଳଙ୍କ ଚଣ୍ଡୀ ହରଦେବ ମନ୍ଦିର ପରିଦର୍ଶନ

**ଟାଙ୍ଗୀ,୨୪।୨(ରଘୁନାଥ ସାହୁ)**

ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଶନିବାର ଚଣ୍ଡେଶ୍ୱରସ୍ଥିତ ପ୍ରସିଦ୍ଧ ଶୈବପୀଠ ଚଣ୍ଡୀ ହରଦେବ ମନ୍ଦିର ପରିଦର୍ଶନ କରିଛନ୍ତି। ରାଜ୍ୟପାଳ ଓ ତାଙ୍କର ସହଧର୍ମିଣୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ କୃପା ଭିକ୍ଷା କରିଥିଲେ। ଏହି ଅବସରରେ ଚଣ୍ଡେଶ୍ୱର ପଞ୍ଚାୟତ ପକ୍ଷରୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାହୁଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା.ସମ୍ବିତ ପାତ୍ର, ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟପାଳ ତାଙ୍କର ବକ୍ତବ୍ୟରେ ବକ୍ସି ଜଗବନ୍ଧୁ, କୃତ୍ତିବାସ ପାଟଶାଣୀ, ପର୍ଶୁରାମ ହରିଚନ୍ଦନଙ୍କ ବୀରତ୍ୱ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ଚଣ୍ଡୀ ହରଦେବଙ୍କ ପୀଠକୁ ଧାର୍ମିକ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଶୈବପୀଠ ଚଣ୍ଡୀ ହରଦେବ, ବାବା ପ୍ରତାପଶ୍ୱର ଦେବ, ଭେଟିନାଥ ଦେବ, ହରିହର ଦେବ, ଉମା ମହେଶ୍ୱର ଦେବ ପୀଠକୁ ଧାର୍ମିକ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବାକୁ ଦାବି ରଖିଥିଲେ। ଚିଲିକା, ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଶତାଧିକ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ମନ୍ଦିର ପରିଦର୍ଶନ ଅବସରରେ ଛତିଶଗଡର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଅନ୍ୟମାନେ।

# ସେମିରେ ବଜରଙ୍ଗବାଲୀ କ୍ଲବ ଭୁବନେଶ୍ୱର



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

**ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

**ବେଗୁନିଆ,୨୪।୨(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ମିନି ଷ୍ଟାଡିୟମରେ ଚାଲିଥିବା ୪୪ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ଭୁବନେଶ୍ୱରର ବଜରଙ୍ଗବାଲୀ ଫୁଟ୍‌ବଲ କ୍ଲବ ଓ ପତିତପାବନ ଫୁଟ୍‌ବଲ କ୍ଲବ ବ୍ରହ୍ମପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୨-୧ ଗୋଲରେ ଭୁବନେଶ୍ୱରର ବଜରଙ୍ଗବାଲୀ ଫୁଟ୍‌ବଲ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରସନ୍ନ କୁମାର ନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ବିଦେଶୀ ନାୟକ ଓ ପ୍ରଫୁଲ୍ଲ ବେହେରା ଲାଇନ୍ସରେ ସହଯୋଗ କରିଥିଲେ। ବାଘମାରୀ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ଖେଳ ଶିକ୍ଷକ ନୀଳମଣି ମାଝୀ, ଅଞ୍ଜର ଖାନ, ଅବଦୁଲ ନୌସଦ, ଅଶ୍ୱିନୀ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରମାକାନ୍ତ ପାତ୍ର ଓ ଫଏଜଲ ହୁସେନ ଖାଁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଆଥଲେଟିକ ଆସୋସିଏଶନର ଉପଦେଷ୍ଟା ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ କଟକର ୟଙ୍ଗ ଉତ୍କଳ କ୍ଲବ ଓ ଭୁବନେଶ୍ୱରର ବଜରଙ୍ଗବାଲୀ ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# କଲ୍ୟାଣପୁର, ପାନବରଜ ଫାଇନାଲରେ

**ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର ଗ୍ରାମସ୍ଥିତ ଖେଳପଡ଼ିଆରେ ମା'ଅଁଳାଇ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଦୁଇଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ ପାନବରଜ ଓ ଦେଉଳଟାଙ୍ଗୀ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଦେଉଳଟାଙ୍ଗୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୨୧ ରନ ସଂଗ୍ରହ କରିଥିଲା। ଜବାବରେ ପାନବରଜ ଟିମ୍ ୧୧ ଓଭରରେ ୧୨୨ ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ଅରାଙ୍ଗ ଓ କଲ୍ୟାଣପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କଲ୍ୟାଣପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୯୪ ରନ ସଂଗ୍ରହ କରିଥିଲା। ଜବାବରେ ଅରାଙ୍ଗ ଟିମ୍ ୧୫ ଓଭରରେ ୧୩୮ ରନ ସଂଗ୍ରହ କରିଥିଲା। ଫଳରେ କଲ୍ୟାଣପୁର ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ପ୍ରକାଶ କୁମାର ହାତୀ ଓ ପ୍ରବୀଣ ଭଞ୍ଜଦେଓ ଅତିଥିଭାବେ ଯୋଗଦେଇ ପାନବରଜ ଟିମର ଜୟଦୀପ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ହିମାଂଶୁ ବରାଳ ଅତିଥିଭାବେ ଯୋଗଦେଇ କଲ୍ୟାଣପୁର ଟିମର ଜଗତପ୍ରିୟ ରାଉତରାୟଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ କରିଥିଲେ। ଆକାଶ ବିଶ୍ୱାଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କୃଷ୍ଣଚନ୍ଦ୍ର ସାହୁ, ସାଗର ବଳିୟାରସିଂହ, ଚନ୍ଦ୍ରକାନ୍ତ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ, ଓମ୍ ପ୍ରକାଶ ପ୍ରଧାନ, ସଞ୍ଜୀବ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



**ସଂକ୍ଷେପରେ**

## ସପ୍ତବିଂଶତମ ରାମଚରିତ ମାନସ ନବାହ୍ନ ପାରାୟଣ, ଜ୍ଞାନଯଜ୍ଞ

**ବଲଙ୍ଗା,୨୪।୨(କେଦାରେଶ୍ୱର ନନ୍ଦ):** ବଲଙ୍ଗା ଥାନା ଉଛୁପୁର ଗ୍ରାମର ତ୍ରିନାଥ ବଜାରଠାରେ ସପ୍ତବିଂଶତମ ରାମଚରିତ ମାନସ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ମହାସମାରୋହରେ ରାମଭକ୍ତ ହନୁମାନ ଆଞ୍ଚଳିକ ପରିଷଦ ଦ୍ୱାରା ପାଳିତ ହୋଇଯାଇଛି। ଉତ୍ସବରେ କର୍ତ୍ତା ଶ୍ୟାମସୁନ୍ଦର ଦାଶ, ବ୍ୟାସ ମହେନ୍ଦ୍ର ଦାଶ ଏବଂ ପ୍ରବକ୍ତା ଲକ୍ଷ୍ମଣ ଦାସ ମହାରାଜ, ବାସୁଦେବ ସାହୁ ଓ ପଣ୍ଡିତ ଅନିଲ କୁମାର କାର୍ଯ୍ୟ ସୁଚାରୁରୂପେ ସମାପନ କରିଥିଲେ। କାର୍ଯ୍ୟକ୍ରମରେ ଦେବରାଜ ଦାଶ, ମାଧବାନନ୍ଦ ଦାଶ, ଗୋପାଳଚନ୍ଦ୍ର ରଥ ଓ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀ ବାଲୁଙ୍କେଶ୍ୱରଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

**ସାକ୍ଷୀଗୋପାଳ,୨୪।୨ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):** ସତ୍ୟବାଦୀ ବଣିଆ ସାହିର ପ୍ରତିଷ୍ଠିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଯଜ୍ଞରେ ଶୁକ୍ରବାର ଯଜ୍ଞର ଅଙ୍କୁରାରୋପଣ ଓ ଶନିବାର ସକାଳ ୯ଟାରେ କଳସଯାତ୍ରା ଓ ଯଜ୍ଞକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅପରାହ୍ଣ ୫ଟାରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇ ପ୍ରସାଦସେବନ କରାଯାଇଥିଲା। ପାଞ୍ଚଗ୍ରାମ ଯଜ୍ଞ କମିଟି ବଣିଆ ସାହି ଶ୍ରୀରାମଚନ୍ଦ୍ରପୁର ଏହି ଯଜ୍ଞର ଆୟୋଜନ କରିଥିଲା।

## ସାକ୍ଷରତା, ସଂଖ୍ୟା ଜ୍ଞାନ ସପ୍ତାହ ଉଦ୍‌ଯାପିତ

**ପିପିଲି,୨୪।୨(ଦୁର୍ଗା ମାଧବ ମିଶ୍ର):** ସମଗ୍ର ଶିକ୍ଷା, ପୁରୀଙ୍କ ନିର୍ଦ୍ଦେଶ ଅନୁସାରେ ଦ୍ୱିତୀୟ ପର୍ଯ୍ୟାୟ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଗୋବିନ୍ଦପୁର କ୍ଲଷ୍ଟରର ସମସ୍ତ ସରକାରୀ ବିଦ୍ୟାଳୟ ଅଡଙ୍ଗପଡ଼ା, ଶିଉଳା, ତଳଉ, କୁଞ୍ଜର, କଣ୍ଠାପଡ଼ା ଆଦି ପ୍ରାଥମିକ ବିଦ୍ୟାଳୟ ଏବଂ ହରିଅନ୍ତା ପିୟୁପି, ଆରୁହା ୟୁଜିୟୁପି, ଗୋବିନ୍ଦପୁର ନୋଡାଲ ୟୁପି, ନୀଳକଣ୍ଠ ନୋଡାଲ ସ୍କୁଲରେ ଏହା ପାଳିତ ହୋଇଥିଲା। ସିଆର୍‌ସିସି ଚିନ୍ତାମଣି ଓଝା ଏଥିରେ ତତ୍ତ୍ୱାବଧାନ କରିଥିଲେ। କାର୍ଯ୍ୟକ୍ରମରେ ସାକ୍ଷରତା, ସଂଖ୍ୟା ଜ୍ଞାନ, ଗପ କହିବା ପ୍ରତ୍ୟେକ ପାଇଁ ୨ ଦିନ ଲେଖାଏଁ ଶିକ୍ଷୟିତ୍ରୀ ଶିକ୍ଷକ ଆକର୍ଷଣୀୟ ଏବଂ ଅଭିନବ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ଖେଳ ପଦ୍ଧତିରେ ଶିକ୍ଷାଦାନ କରିଥିଲେ। ଏଫ୍‌ଏଲ୍‌ଏନ୍ ଶ୍ରେଣୀର ପିଲାଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ପର୍ଯ୍ୟାପ୍ତ ଶିକ୍ଷଣ ସାମଗ୍ରୀ ଦେଇ ଖେଳ ଓ ଅଭିନୟ ମାଧ୍ୟମରେ ଶିକ୍ଷାଦାନ କରିଥିଲେ।

## ଗ୍ରାମ କଲ୍ୟାଣ ଯଜ୍ଞ ପୂର୍ଣ୍ଣାହୁତି

**ସାକ୍ଷୀଗୋପାଳ,୨୪।୨(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର):** ସ୍ଥାନୀୟ ସେବକସାହି ଗ୍ରାମର ମା' ଜାଗେଶ୍ୱରୀ ମନ୍ଦିରରେ ଶନିବାର ବିଶ୍ୱଶାନ୍ତି ଓ ଗ୍ରାମ କଲ୍ୟାଣ ଯଜ୍ଞ ପୂର୍ଣ୍ଣାହୁତି ହୋଇଛି। ୩ଦିନ ବ୍ୟାପୀ ଯଜ୍ଞୋତ୍ସବ ଅନୁଷ୍ଠିତ ହୋଇଥିଲା। ଦେବଦେବୀଙ୍କୁ ଆବାହନ, ଆହୁତି, ଜପ, ନୈବେଦ୍ୟ, ଆଳତି ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ପୁରୋହିତ ପଣ୍ଡିତ ସୁଦର୍ଶନ ମିଶ୍ର ପଣ୍ଡିତ ମଣ୍ଡଳୀ ସହ ଆହୁତି ପ୍ରଦାନ କରିଥିଲେ। ସିଂହାରୀ ଶ୍ୟାମସୁନ୍ଦର ମହାପାତ୍ର ସସ୍ତ୍ରୀକ କର୍ତ୍ତା ଏବଂ ସେବାୟତ ସଂଘ କର୍ମକର୍ତ୍ତାଙ୍କ ସହିତ ଗ୍ରାମର ଯୁବକ ସହଯୋଗ କରିଥିଲେ।

# ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ

**ପୁରୀ,୨୪।୨(ଅଜିତ୍ ମହାନ୍ତି)**



ପବିତ୍ର ମାଘପୂର୍ଣ୍ଣିମା ଅବସରରେ ଶନିବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଗଜଉଦ୍ଧାରଣ ବେଶ ସମ୍ପନ୍ନ ହୋଇଛି। ଏହି ବେଶରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଚତୁଃହସ୍ତ ଏବଂ ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୁଅନ୍ତି। ଶ୍ରୀଜଗନ୍ନାଥ ଉଡୟନରତ ଭଙ୍ଗୀରେ ଥିବା ଗରୁଡ଼ ଉପରେ ଉପବେଶନ ମୁଦ୍ରାରେ ରହିଥିଲେ। ମା' ଲକ୍ଷ୍ମୀଙ୍କୁ ସେ କୋଳରେ ଧାରଣ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଚାରିହସ୍ତରେ ଶୋଲ ଓ ଜରି ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଇଥିଲା। ପଦ୍ମାସନ ଭଙ୍ଗୀରେ ଗୋଟିଏ ଆସ୍ଥାନରେ ବସିଥିବା ବଳଭଦ୍ର ଦୁଇହସ୍ତରେ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ ଓ ମୂଷଳ ଧାରଣ କରିଥିଲେ। ସୁଭଦ୍ରା ଦୁଇଭୁଜ ଓ ଦୁଇ ପଦଯୁକ୍ତା ହୋଇ କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ଛିଡ଼ା ହୋଇଥିଲେ। ତାଙ୍କର ହସ୍ତଦ୍ୱୟ ମୁଷ୍ଟିବଦ୍ଧ ତଥା ତଳ ଉପର ହୋଇ ରହିଥିଲା ଏବଂ ସେ ପଦ୍ମ କଳିକାଟିଏ ଧରିଥିଲେ। ଏହି ବେଶରେ କାଠ ଓ ଶୋଲ ନିର୍ମିତ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥିଲା। ଗୋଟିଏ ହସ୍ତୀ ବଳଭଦ୍ରଙ୍କ ସମୀପରେ ରତ୍ନସିଂହାସନ ଆଗ ପୋଖରିଆରେ ଏବଂ ଅନ୍ୟଟି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ଆର୍ତ୍ତ ହରଣ ପାଇଁ ଆକୁଳ ନିବେଦନ କରୁଥିବା ଭଙ୍ଗୀରେ ରଖାଯାଇଥିଲା। ତା'ର ପାଦଗୁଡ଼ିକ ମଧ୍ୟରେ ଆକ୍ରମଣ କରୁଥିବା କୁମ୍ଭୀରର ପିତୁଳା ଥିବାବେଳେ ହସ୍ତୀ ଶୁଣ୍ଢ ଟେକି ପଦ୍ମଫୁଲ ଧରିଥିଲା। ଗଜଉଦ୍ଧାରଣ ବେଶରେ ତିନି ଠାକୁର ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୂଷିତ ହୋଇଥିଲେ। ସନ୍ଧ୍ୟା ଧୂପରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ପରେ ରାତ୍ରରେ ବେଶ ଓଲାଗି କରାଯାଇ ବଡ଼ସିଂହାର ନୀତି ବଢ଼ିବା ପରେ ରାତ୍ର ପହୁଡ଼ ସମ୍ପନ୍ନ ହୋଇଥିଲା।

ପୌରାଣିକ କଥାବସ୍ତୁ ଅନୁଯାୟୀ, ଏକଦା ବରୁଣ ହ୍ରଦରେ ଗଜରାଜ ସ୍ନାନ କରୁଥିବା ବେଳେ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ଗଜରାଜ ବିକଳ ହୋଇ ଉଦ୍ଧାର ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ। ଭକ୍ତର ଡାକ ଶୁଣି ଠାକୁର କୁମ୍ଭୀର କବଳରୁ ଗଜରାଜଙ୍କୁ ଉଦ୍ଧାର କରିଥିଲେ। ସେହି ସ୍ମୃତିରେ ଶହଶହ ବର୍ଷ ଧରି ଠାକୁରଙ୍କ ଏହି ଗଜଉଦ୍ଧାରଣ ବେଶ ମାଘପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଆସୁଛି ।



ମାଘପୂର୍ଣ୍ଣିମା ଅବସରରେ ଶନିବାର ପୁରୀ ଜେନାରୀ ଗଛ ମା' ରାମଚଣ୍ଡୀଙ୍କ ପଦ୍ମବେଶ।

## ଶ୍ରୀଲୋକନାଥ ଦେବଙ୍କ ପଦ୍ମବେଶ

**ପୁରୀ, ୨୪।୨(ଅଜିତ୍ ମହାନ୍ତି)**

ମାଘ ପୂର୍ଣ୍ଣିମା ଅବସରରେ ଶନିବାର ଶ୍ରୀଲୋକନାଥ ଦେବଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱାସ ରହିଛି ଶ୍ରୀଲୋକନାଥ ଦେବଙ୍କ ପଦ୍ମବେଶ ଦର୍ଶନ କଲେ କୋଟିପୁଣ୍ୟ ମିଳିଥାଏ। ଏହି ପଦ୍ମବେଶକୁ ରଥସାହି ବ୍ରାହ୍ମଣ ସମାଜ (ବାତ) ତରଫରୁ କରାଯାଇଛି। ସୋଲ, କରି, କଇଥ ଅଠାରେ ସୁନ୍ଦର ଭାବେ ପଦ୍ମବେଶ ନିର୍ମିତ କରାଯାଏ। ପଦ୍ମବେଶରେ ପ୍ରଭୁ ଶ୍ରୀଲୋକନାଥ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବସରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଅମ୍ବାଲୁ, ଖିରି, ଚୂଡାଘସା, ମୁଗ, ପୁରୀ, ପିଠା ଆଦି ବ୍ୟଞ୍ଜନ ଭୋଗ ଲାଗିଥିଲା। ଏହି ଭୋଗ ରଥସାହି ବ୍ରାହ୍ମଣ ସମାଜ ତରଫରୁ କରାଯାଇଥାଏ। ଅନୁଷ୍ଠାନ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ରାମନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପଦ୍ମବେଶ ସମ୍ପନ୍ନ କରାଯାଇଥିଲା। ପ୍ରିୟବ୍ରତ ବାହିନୀପତି, ଶରତ ନନ୍ଦ, ପ୍ରମୋଦ ମହାପାତ୍ର, ଜଗନ୍ନାଥ ମିଶ୍ର, ବିଜୟ କୁମାର ମହାପାତ୍ର, ସୁରେଶ ଚନ୍ଦ୍ର ଦାଶ, ଉମାପଦ ମିଶ୍ର, ରଶ୍ମିରଞ୍ଜନ ମିଶ୍ର, ହିତବ୍ରତ ବାହିନୀପତି, ହରିହର ମହାପାତ୍ର, ରାମକୃଷ୍ଣ ପାଣି ଓ ମଧୁସୂଦନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ପୁରୀସ୍ଥିତ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ରର ଅଡିଟୋରିୟମରେ ଆୟୋଜିତ ଆଲୋଚନାଚକ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

## ଅଷ୍ଟାଦଶତମ ଭାଗବତ ସପ୍ତାହ ଉତ୍ସବ ପାଳନ

**ପିପିଲି,(ଦୁର୍ଗାମାଧବ ମିଶ୍ର)/ ବଲଙ୍ଗା(କେଦାରେଶ୍ୱର ନନ୍ଦ)୨୪।୨:** ପିପିଲି ବ୍ଲକ ସରସ୍ୱତୀପୁର ପଞ୍ଚାୟତ ସୁବଳୟାପାଟଣା ଗ୍ରାମରେ ଅଷ୍ଟାଦଶତମ ଭାଗବତ ସପ୍ତାହ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ସପ୍ତାହ ଉତ୍ସବ ଗତ ୧୮ ତାରିଖରେ ଗ୍ରାମଦେବତୀ ମାଆ ଭଗବତୀଙ୍କ ପୀଠରେ ଆରମ୍ଭ ହୋଇ ୭ ଦିନ ଧରି ଭାଗବତ ପଢ଼ାଯାଇଥିଲା। ପ୍ରତ୍ୟେକ ଦିନ ଠାକୁରଙ୍କ ଆଳତି, ସୂର୍ଯ୍ୟପୂଜା କରାଯାଇ ଶନିବାର ଶେଷ ଦିବସରେ କୁଳ ପୁରୋହିତଙ୍କ ଦ୍ୱାରା ହୋମ ଯଜ୍ଞ ବହୁ ଆଡ଼ମ୍ବର ମଧ୍ୟରେ କରାଯାଇଛି। ପରେ ପରେ ନାମ ସଂକୀର୍ତ୍ତନ ମଧ୍ୟ କରାଯାଇଛି। ସର୍ବଶେଷରେ କଳସଧାରୀମାନେ କଳସ ଧରି ଗ୍ରାମ ପାର୍ଶ୍ୱରେ ଥିବା ଭାର୍ଗବୀ ନଦୀରେ ବିସର୍ଜନ କରିଥିଲେ। ଏହାକୁ ସୁବଳୟାପାଟଣା ଗ୍ରାମବାସୀ ପ୍ରତ୍ୟେକ ବର୍ଷ କରିଆସୁଥିବାବେଳେ ଗ୍ରାମ ଯୁବକଙ୍କ ଦ୍ୱାରା ସନ୍ଧ୍ୟା ସମୟରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ସାହିତ୍ୟ ଆସର




ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥିବୃନ୍ଦ ।

**ପୁରୀ, ୨୪।୨(ଅଜିତ୍ ମହାନ୍ତି)**

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ମାସିକ ସାହିତ୍ୟ ଆସର ଶୁକ୍ରବାର ସ୍ଥାନୀୟ ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସାହିତ୍ୟିକା ପ୍ରତିମା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ଅଶୋକ କୁମାର କର ମୁଖ୍ୟଅତିଥି ଏବଂ ପୁରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ବଳିୟାରସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଭାବ ହିଁ ସାହିତ୍ୟର ଆତ୍ମା ବୋଲି ଅତିଥିମାନେ କହିଥିଲେ। ସାଧାରଣ ସମ୍ପାଦକ ଶିଶୁ ସାହିତ୍ୟିକ ସତ୍ୟନାରାୟଣ ମିଶ୍ର କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। କବି ବିଜୟଲକ୍ଷ୍ମୀ ଦାଶ ଧନ୍ୟବାଦ ଦେଇଥିଲେ। କବି ମଞ୍ଜୁଶ୍ରୀ ମିଶ୍ର ଏବଂ କ୍ରିଷ୍ଣା ମହାପାତ୍ରଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା।

# ଓମ୍ ଶାନ୍ତିର ମହାମନ୍ତ୍ର ହିଁ ଆତ୍ମସଶକ୍ତୀକରଣର ଆଧାରଶିଳା

**ପୁରୀ,୨୪।୨(ଅଜିତ୍ ମହାନ୍ତି)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟ ମାଉଣ୍ଟଆବୁର ସୁରକ୍ଷା ପ୍ରଭାଗ ତଥା ପୁରୀ ବଳିଆପଣ୍ଡାସ୍ଥିତ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ରର ମିଳିତ ଆନୁକୁଲ୍ୟରେ 'ଆତ୍ମ ସଶକ୍ତୀକରଣ ଦ୍ୱାରା ଦେଶ ସଶକ୍ତୀକରଣ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସେମିନାର ଶନିବାର ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ରର ଅଡିଟୋରିୟମରେ ଆୟୋଜତ ହୋଇଯାଇଛି। ଅତିଥି ଭାବେ ପୁରୀ ସ୍ଥାୟୀ ଅଦାଲତର ଅଧ୍ୟକ୍ଷା ପ୍ରତିମା ପଣ୍ଡା ଯୋଗଦେଇ କହିଥିଲେ, ଓମ୍ ଶାନ୍ତିର ମହାମନ୍ତ୍ର ହିଁ ଆତ୍ମସଶକ୍ତୀକରଣର ଆଧାରଶିଳା। କୌଣସି ସମସ୍ୟାର ସମାଧାନ ପାଇଁ ଓମ୍ ଶାନ୍ତିର ଚିନ୍ତନ ଅର୍ଥାତ ଆତ୍ମସ୍ମୃତିରେ ସ୍ଥିତ ହୋଇ ପରମେଶ୍ୱର ପରମାତ୍ମାଙ୍କୁ ଧ୍ୟାନ କଲେ ସମାଧାନର ସୂତ୍ର ମିଳିଥାଏ। ଆତ୍ମଜାଗୃତି, ଶୃଙ୍ଖଳା, ସାଧୁତା, ବ୍ୟବହାର ଶୁଦ୍ଧି ଓ ସାତ୍ତ୍ୱିକ ଭାବଧାରା ସୃଷ୍ଟିକରେ ଯାହାଦ୍ୱାରା ବ୍ୟକ୍ତି ସ୍ୱୟଂ ସୁରକ୍ଷା କବଚ ଅନୁଭବ କରିବା ସହିତ ଦେଶ ଓ ବିଶ୍ୱ ପାଇଁ ଏକ ପ୍ରେରଣା ସ୍ରୋତ ହୁଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ ଆତ୍ମସଶକ୍ତୀକରଣ ପାଇଁ ଈଶ୍ୱରୀୟ ଶକ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ରାଜସ୍ଥାନ ଜୟପୁର ଜୋନ୍‌ର ନିର୍ଦ୍ଦେଶିକା ରାଜଯୋଗୀନି ସୁରମା ଓ ରାଜଯୋଗିନୀ ଚନ୍ଦ୍ରକଳା, ମୁମ୍ବାଇର ରାଜାଯାଗ ଶିକ୍ଷିକା ବ୍ରହ୍ମାକୁମାରୀ ଦୀପା ଆତ୍ମସଶକ୍ତୀକରଣ ସହିତ ରାଷ୍ଟ୍ର ସଶକ୍ତୀକରଣ କିଭଳି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ସେ ନେଇ ବିଭିନ୍ନ ଦିଗରୁ ଆଲୋକପାତ କରିଥିଲେ। ରାଜଯୋଗ ସାଧନାକେନ୍ଦ୍ର ପୁରୀର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମକୁମାରୀ ଡ. ନିରୁପମାଙ୍କ ଅଧ୍ୟକ୍ଷତାରେ ସେମିନାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାଉଣ୍ଟଆବୁର ସୁରକ୍ଷା ପ୍ରାଭାଗର ରାଷ୍ଟ୍ରୀୟ ସଂଯୋଜିକା ବ୍ରହ୍ମକୁମାର ଦୀପକ ଓ ଶୈଳେନ୍ଦ୍ର ନିଜ ଅନୁଭୂତି କହିବା ସହ ଧନ୍ୟବାଦ ଦେଇଥିଲେ। ବ୍ରହ୍ମକୁମାର ସାରିକା ମଞ୍ଚ ସଂଯୋଜନା କରିଥିଲେ। ବ୍ରହ୍ମକୁମାର ଡଡା. ସତ୍ୟାନନ୍ଦ ସଂସ୍ଥାର ପରିଚୟ ପ୍ରଦାନ କରିଥିଲେ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିବାର ଓଡ଼ିଶାବାସୀ

**ନିମାପଡ଼ା,୨୪।୨(ରଞ୍ଜନ ପଟ୍ଟନାୟକ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ବାସୀଙ୍କୁ ନିଜ ପରିବାର ବୋଲି ଭାବୁଛନ୍ତି। ତେଣୁ ସେ ସବୁବର୍ଗର ଲୋକଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଆବେଦନକାରୀଙ୍କୁ ତୁରନ୍ତ ଭତ୍ତା ବଣ୍ଟନ ନିମନ୍ତେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିମାପଡ଼ା ବ୍ଲକ ପକ୍ଷରୁ ସ୍ଥାନୀୟ ଟାଉନ ହଲ୍‌ଠାରେ ମଧୁବାବୁ ପେନସନ ଯୋଜନା ବଣ୍ଟନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଥିଲେ। ଏହି ଯୋଜନାରେ ୧୬ ପଞ୍ଚାୟତର ମୋଟ ୧୦୦୬ ଜଣ ନୂତନ ଆବେଦନକାରୀ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଏବଂ ବିଧବାଙ୍କୁ ୧ ହଜାର ଟଙ୍କା ଲେଖାଏଁ ଭତ୍ତା ମୁଖ୍ୟ ଅତିଥି ଦାଶ ବଣ୍ଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବିଡିଓ ଭୁବନା ନନ୍ଦ ପଟ୍ଟନାୟକ, ଜିଲା ପରିଷଦ ପ୍ରଦୀପ୍ତ ଖଟୋଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ ଓ ବ୍ଲକ ବିଜେଡି ସଭାପତି ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ମରାମତି ହେବ ଅଠରନଳାର ଫାଟ: ଏଏସ୍ଆଇ

**ପୁରୀ, ୨୪।୨(ଅଜିତ୍ ମହାନ୍ତି)**

ଅବକ୍ଷୟମୁହାଁ ପୁରୀର ଅନେକ ଐତିହ୍ୟ କୀର୍ତ୍ତିରାଜି। ତନ୍ମଧ୍ୟରୁ ଅଠରନଳା ଅନ୍ୟତମ। ନବକଳେବର ସମୟରେ ଏହି ଅଠରନଳା ଦେଇ ମହାପ୍ରଭୁଙ୍କ ଦାରୁ ଆସିଥାଏ ବୋଲି ଲୋକକଥା ରହିଛି। ତେବେ ଶ୍ରୀମନ୍ଦିର ସହ ଜଡିତ ଏହି ପୁରାତନ ଐତିହ୍ୟ ଅଠରନଳାରେ ଦେଖିବାକୁ ମିଳିଛି ଫାଟ। ଫଳରେ ରିଟେନିଂ ୱାଲ ଭୁଶୁଡ଼ିପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ଖୁବ୍‌ଶୀଘ୍ର ଏହି ଫାଟ ମରାମତି କରାଯିବ ବୋଲି ଶନିବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଅଠରନଳାର ଓଲଟା ପାହାଚ ସଦୃଶ ଖଞ୍ଜାଯାଇଥିବା ପଥରରେ ଆଂଶିକ ଫାଟ ଦେଖିବାକୁ ମିଳିଛି। ପଥରରେ ଲହଡ଼ି ମୁଦ ଦିଆଯାଇଥିବା କିଛି ସ୍ଥାନ ମଧ୍ୟ ଖାଇଗଲାଣି। ପୋଲରେ ଖଞ୍ଜାଯାଇଥିବା କିଛି ସିଂହ ଓ ହାତୀମୂର୍ତ୍ତି ଭାଙ୍ଗି ଗଲାଣି। ଭୁବନେଶ୍ୱର ଆଡୁ ଆସିଲେ ୮ ନମ୍ବର ଓ ୬ ନମ୍ବର ନଳାରେ ଫାଟ ଦିଶୁଛି। ଏହାବ୍ୟତୀତ ରିଟେନିଂ ୱାଲ୍‌କୁ ଧରି ରଖିଥିବା ସ୍ତମ୍ଭକୁ ଓସ୍ତଗଛ ଫଟେଇ ସାରିଲାଣି। କାନ୍ଥ ଝୁଲନ୍ତା ଅବସ୍ଥାରେ ଥିବାରୁ ବଡ଼ ପବନର ଝଟକାରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ବାହାର ପଟକୁ ଥିବା ଦୁଇଟି ପଥରରେ ଫାଟ ଜଣାପଡୁଛି। ପଥର ଫାଙ୍କରେ ଗଛଲତା ଉଠିଲାଣି। ଅପରପକ୍ଷରେ ମୂଷାନଦୀର ପୁନରୁଦ୍ଧାର ବିଳମ୍ବ ହେଉଥିବାରୁ ଅଠରନଳା ପ୍ରତି ବିପଦ ସୃଷ୍ଟି ହୋଇଛି। କେଶରୀ ବଂଶର ସମ୍ରାଟ ମତ୍ସ୍ୟ କେଶରୀ ଅଠରନଳା ନିର୍ମାଣ କରିଥିବା ଇତିହାସ ରହିଛି। ଏହାର ନିର୍ମାଣ ୯୭୫ରୁ ୯୫୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ହୋଇଥିବାର ଅନୁମାନ କରାଯାଏ। ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, ଐତିହାସିକ ତଥ୍ୟ ଅନୁଯାୟୀ ୧୩ଶହ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶର ରାଜା ଭାନୁଦେବଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ୧ ହଜାରରୁ ଊର୍ଦ୍ଧ୍ୱ ବର୍ଷର ଏହି ସ୍ମାରକୀକୁ ଏଏସ୍ଆଇ ରକ୍ଷଣାବେକ୍ଷଣ କରୁଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଅଠରନଳା ନଷ୍ଟ ହୋଇଯିବାକୁ ବସିଛି। ଏ ନେଇ ଐତିହ୍ୟପ୍ରେମୀ ଓ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଏସ୍ଆଇ ପକ୍ଷରୁ କୁହାଯାଇଛି ଯେ, ସେପରି କିଛି ବଡ଼ ଧରଣର ଫାଟ ନାହିଁ। କିଛି କ୍ରାକ୍ ହୋଇଛି ଓ କେତୋଟି ପଥର ଖସିଛି। ସେଗୁଡ଼ିକର ମରାମତି ଖୁବଶୀଘ୍ର କରାଯିବ।

## ଭାଜପାର ଶକ୍ତି ସମ୍ବାଦ, ସମ୍ପର୍କ ଅଭିଯାନ



ଭାଜପାର ଶକ୍ତି ସମ୍ବାଦ, ସମ୍ପର୍କ ଅଭିଯାନରେ ମଞ୍ଚାସୀନ ଅତିଥି ବୃନ୍ଦ।

**ନିମାପଡ଼ା,(ରଞ୍ଜନ ପଟ୍ଟନାୟକ)/ବଲଙ୍ଗା (କେଦାରେଶ୍ୱର ନନ୍ଦ)୨୪।୨:** ନିମାପଡ଼ା ବ୍ଲକ ଅଧୀନ ଶାଇଁସଶାସନ ପଞ୍ଚାୟତରେ ମୋଦିଙ୍କ ସଂକଳ୍ପ ସଂଗଠିତ ନାରୀ ସଶକ୍ତ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନ 'ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ' ଶନିବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦେବାଶିଷ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଏହି ଅଭିଯାନ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାଜପା ପୂର୍ବତନ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ଯୋଗଦେଇ ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ନିମାପଡ଼ାରୁ ବିତାଡ଼ିତ କରିବାକୁ ଭାଷଣ ପ୍ରସଙ୍ଗରେ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡ଼ା ଭାଜପା ଯୁବ ନେତୃତ୍ୱ ଦିଲୀପ ନାୟକ ଯୋଗଦେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆବଶ୍ୟକ ବୋଲି କହିଥିଲେ। ଚଳିତ ନିର୍ବାଚନରେ ଭାଜପାକୁ ନିମାପଡ଼ାରେ ଜିତାଇବାକୁ ଏକ ହୋଇ କାର୍ଯ୍ୟ କରିବାକୁ ସରପଞ୍ଚ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ, ନାଏବ ସରପଞ୍ଚ ଅନୁପମା ନାୟକ, ଭାଜପା ପଞ୍ଚାୟତ ସଭାପତି ନକୁଳ ପ୍ରଧାନ, ରବୀନ୍ଦ୍ର ପ୍ରଧାନ ଏବଂ ଖବରଦାତା ଅକ୍ଷୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କୁ ଅତିଥିମାନେ ସମାଲୋଚନା କରିଥିଲେ। ପ୍ରଫୁଲ୍ଲ ସାମନ୍ତସିଂହାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ପ୍ରାଚୀ ନଦୀ ଆଳତି ପରମ୍ପରା ଆରମ୍ଭ



ପ୍ରାଚୀ ନଦୀ ଆଳତି କରାଯାଉଛି ।

**କାକଟପୁର,୨୪।୨(ଶୁଭଦର୍ଶନ ମିଶ୍ର):** ଐତିହ୍ୟସମ୍ପନ୍ନ ପ୍ରାଚୀନଦୀର ବୈଭବ ଓ ଗରିମାମୟ ଐତିହ୍ୟକୁ ମନେପକାଇବାକୁ ପ୍ରତିବର୍ଷ ସନ୍ଥମାନଙ୍କ ଦ୍ୱାରା ପ୍ରାଚୀ ପରିକ୍ରମା ପଦଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ପ୍ରାଚୀନଦୀକୁ ବ୍ରଜ ସାହୁ ନାମକ ଜଣେ ଭକ୍ତ ମନ୍ଦିର ପ୍ରଶାସନ ଓ ସେବାୟତ ନିଯୋଗର ସହଯୋଗରେ ପ୍ରତି ପୂର୍ଣ୍ଣମୀ ତିଥିରେ ପ୍ରାଚୀ ନଦୀକୁ ବନ୍ଦାପନା, ନୈବେଦ୍ୟ, ମା' ମଙ୍ଗଳାଙ୍କ ଆଜ୍ଞାମାଳ ପ୍ରଦାନ କରାଯାଇ ଶନିବାର ଆଳତି ଓ ପୂଜାର୍ଚ୍ଚନା କରାଯାଇଥିଲା। କୁଳ ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ, ପୂଜାପଣ୍ଡା ସେବକ ସୁବାସ ଚନ୍ଦ୍ର ପାଢ଼ୀ, ରଘୁନାଥ ଦୀକ୍ଷିତ, ମଙ୍ଗଳା ମନ୍ଦିର ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ମାନସ ଦୀକ୍ଷିତ ଓ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା'ଙ୍କ ମନ୍ଦିରରୁ ଏକ ସ୍ୱତନ୍ତ୍ର ପଟୁଆରରେ ବାହାରି ପ୍ରାଚୀନଦୀର ଘଣ୍ଟତୋଳା ଘାଟରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଉକ୍ତ ପ୍ରାଚୀ ଆଳତି କାର୍ଯ୍ୟକ୍ରମ ପ୍ରତି ପୂର୍ଣ୍ଣମୀ ଦିନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ମହିଳାଙ୍କ ସାମାଜିକ ଭାଗୀଦାରିରେ ସମାଜର ପ୍ରକୃତ ବିକାଶ

**ଅସ୍ତରଙ୍ଗ,୨୪।୨(ମମତା ଜେନା):** ଅସ୍ତରଙ୍ଗ ବ୍ଲକ ଅଧୀନ ଛୁରିଆନା ପଞ୍ଚାୟତଠାରେ ମଦର ଅନୁଷ୍ଠାନ ପକ୍ଷରୁ ନାରୀ ଶକ୍ତି ସମ୍ବର୍ଦ୍ଧନା ସମାରୋହ ଶନିବାର ଆୟୋଜିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ୫ ଜଣ ମା'ଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମଦର ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦିକା, ନୀଳକଇଁ ପତ୍ରିକାର ସମ୍ପାଦିକା ତଥା ବିଜେଡି ରାଜ୍ୟ ସମ୍ପାଦିକା ସସ୍ମିତା ଦାସ ଯୋଗଦେଇ ଏକ ଚାରା ରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପରିବେଶବିତ ତଥା କବି ଶୋଭାକର ବେହେରା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଦାସ କହିଥିଲେ, ମହିଳାଙ୍କ ସାମାଜିକ ଭାଗୀଦାରି ମାଧ୍ୟମରେ ହିଁ ସମାଜର ପ୍ରକୃତ ବିକାଶ ହୋଇପାରିବ। ମଦର ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଜଗତ୍‌ସିଂହପୁର ଏବଂ ପୁରୀ ଜିଲାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମାଆମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଦର ସଙ୍ଗଠନ ପରିଚାଳନା ନିର୍ଦ୍ଦେଶକ ପ୍ରମୋଦ ଦାସଙ୍କ ସହ ଛୁରିଆନା ମହିଳା ମହାସଂଘର ସମସ୍ତ ସିଆର୍‌ପି ଓ ଇସି ସଭ୍ୟା ଉପସ୍ଥିତ ଥିଲେ। ମଦର ସଙ୍ଗଠନର ଜନସମ୍ପର୍କ ଅଧିକାରୀ ମିଳନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସମାରୋହରେ ଅତିଥିଙ୍କ ସହ ମହିଳାମାନେ ।

## କୂଅରୁ ହରିଣ ଉଦ୍ଧାର

ଚୌଦ୍ୱାର,(ଆଶୁତୋଷ ଦାସ): କୂଅରେ ପଡ଼ିଯାଇ ଛଟପଟ ହେଉଥିବା ଏକ ହରିଣକୁ ଚୌଦ୍ୱାର ବନ ବିଭାଗ ଶନିବାର ଉଦ୍ଧାର କରିଛି। ସ୍ଥାନୀୟ ଇନ୍ଦ୍ରାଣୀପାଟଣା ଗ୍ରାମର ରାଜକିଶୋର ସ୍ୱାଇଁ ତାଙ୍କ ବାରିରେ ଥିବା କୂଅରୁ ପାଣି ଆଣିବାକୁ ଯାଇ କୂଅରେ ଏକ ହରିଣ ପଡ଼ିଯାଇଥିବା ଦେଖିଥିଲେ। ଏନେଇ ସେ ଚୌଦ୍ୱାର ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ମହାନ୍ତି ଚୌଦ୍ୱାର ଅଗ୍ନିଶମ ବାହିନୀ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି କୂଅ ଭିତରୁ ହରିଣକୁ ଉଦ୍ଧାର କରିଥିଲେ। ଉଦ୍ଧାର ହରିଣଟି ସମ୍ପୂର୍ଣ୍ଣ ସୁସ୍ଥ ଥିବା ଓ ସ୍ଥାନୀୟ ବାଲି ଜଙ୍ଗଲରୁ ଚାଲି ଆସିଥିବା ଫରେଷ୍ଟର ମହାନ୍ତି ପ୍ରକାଶ କରିଥିଲେ। ପରେ ହରିଣକୁ ସ୍ଥାନୀୟ ଡମଡମଣୀ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ସଂକ୍ଷେପରେ

## ନଳକୂପ ଚୋରି ଅଭିଯୋଗରେ ୩ ଗିରଫ

କଟକ,୨୪।୨(କାର୍ତ୍ତିକ ସାହୁ)

ଚାଉଳିଆଗଞ୍ଜ ଥାନା ପୋଲିସ ନଳକୂପ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଚାଉଳିଆଗଞ୍ଜ ମଠସାହିର ରାଜା ରାଓ, ନୀଳକଣ୍ଠ ବସ୍ତିର ଶିବ ନାୟକ, ହାଡୁ ଓରଫ କୃଷ୍ଣ ଦାସ ଓ ଟାଙ୍ଗୀ ଥାନା ଅନ୍ତର୍ଗତ ନିର୍ଗୁଣ୍ଡିର ଅରୋବିନ୍ଦୁ ବିଶ୍ୱାସ। ସେମାନଙ୍କ ନିକଟରୁ ଗୋଟିଏ ନଳକୂପ ଜବତ ହୋଇଛି। ଏନେଇ ଥାନାରେ କେସ୍ ନଂ. ୫୭/୨୦୨୪ ରୁଜୁ ହୋଇଛି। ଏନ୍‌ସିସି ଲିମିଟେଡ୍ କମ୍ପାନୀର ଆଡମିନ୍ ମ୍ୟାନେଜର ଅକ୍ଷୟ କୁମାର କର ଚାଉଳିଆଗଞ୍ଜ ଥାନାରେ ୨୨ ତାରିଖରେ ଅଭିଯୋଗ କରିଥିଲେ ଯେ, ଓଏମ୍‌ପି ଛକସ୍ଥିତ ଷଷ୍ଠ ବାଟାଲିୟନ ପରିସରରେ ନିର୍ମାଣ କାର୍ଯ୍ୟ କରାଯାଉଥିଲା। ୨୧ ତାରିଖ ରାତିରେ କେହି ଦୁର୍ବୃତ୍ତ ନିର୍ମାଣସ୍ଥଳରେ ଲାଗିଥିବା ନଳକୂପକୁ ଚୋରିକରିନେଇଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଛି।

## ପୁରୁଲିଆ ଛଉନୃତ୍ୟରେ ଦର୍ଶକ ବିଭୋର

ନିଆଳି ୨୪।୨(ସୁକାନ୍ତ କୁମାର ସିଂହ)



ନିଆଳି ମହୋତ୍ସବରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

### ନିଆଳି ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ନିଆଳି ମହୋତ୍ସବ-୨୦୨୪ର ଶନିବାର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ନିଆଳି ଅଞ୍ଚଳକୁ ରାଜ୍ୟ ସରକାର ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପ୍ରଦାନ କରିଥିବାରୁ ବାଣ, ବାଜାରେ ଉତ୍ସବମୁଖର ହୋଇ ଉଠିଥିଲା ଏହି ମହୋତ୍ସବ। ଉତ୍ସବରେ ବିଧାୟକ ଡ. ପ୍ରମୋଦ କୁମାର ମଲ୍ଲିକଙ୍କ ଉଦ୍ୟମରୁ ଏହା ଏକ ବିଜ୍ଞାପିତ ଅଞ୍ଚଳ ଭାବେ ମାନ୍ୟତା ପାଇଛି ବୋଲି ଘୋଷଣା କରାଯାଇଥିଲା। ଏଥିଯୋଗୁ ମହୋତ୍ସବ ମଣ୍ଡପରେ ବିଧାୟକ ମଲ୍ଲିକଙ୍କୁ ନିଆଳିର ବହୁ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସନ୍ଧ୍ୟାରେ ପଶ୍ଚିମବଙ୍ଗର ପୁରୁଲିଆ ଛଉନୃତ୍ୟ କଳାକାରମାନେ ଆକର୍ଷଣୀୟ କଳା ପ୍ରଦର୍ଶନ କରିଥିଲେ। ସେହିପରି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଢେମ୍‌ସା ନୃତ୍ୟ ପରିବେଷଣ କରାଯିବା ସହ ଭାରତୀୟ ସଂସ୍କୃତିକୁ ନେଇ ଫ୍ୟାଶନ ଶୋ' ପ୍ରଦର୍ଶନ କରାଯାଇଥିଲା। ହାସ୍ୟ ଅଭିନେତା ହରିହର ମହାପାତ୍ର ଉପସ୍ଥିତ ଦର୍ଶକଙ୍କୁ ହସାଇ ହସାଇ ବେଦମ୍ କରିଥିଲେ। ଦୂରଦର୍ଶନ ଧାରାବାହିକ 'ତୋରି ପାଇଁ ତୋ ପାଇଁ' ର କଳାକାରଙ୍କ କଳା ପ୍ରଦର୍ଶନ ସହ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଉପସ୍ଥାପିକା ଭାବେ ଶତାବ୍ଦୀ ଯୋଗଦେଇଥିଲେ। ମହୋତ୍ସବର ପ୍ରତିଷ୍ଠାତା ସଭାପତି ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ନିଆଳିର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ନିଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟା ସୂର୍ଯ୍ୟକାନ୍ତି ମହାନ୍ତି ଓ ଜିଲା ପରିଷଦ ସଭ୍ୟା କବିତା ରାଉତ ପ୍ରମୁଖ ଯୋଗଦେଇଥିଲେ।

## ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

କଟକ,୨୪।୨(କାର୍ତ୍ତିକ ସାହୁ)

### ନାବାଳିକା ଅସଦାଚରଣ ମାମଲା

ବାଙ୍କୀ ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ କୋର୍ଟଙ୍କ ଆଦେଶ ରହିଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଙ୍କୀ ଗୋପାଳପୁର ଅଞ୍ଚଳର ସାଗର ଭୋଇ (୨୨)। ଅପରପକ୍ଷରେ ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ୮ରେ ଗୋପାଳପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ଜଣକ ଅସଦାଚରଣ କରିଥିବା ନେଇ ବାଙ୍କୀ ଥାନାରେ ଅଭିଯୋଗ ହୋଇଥିଲା। ଏତଲାକୁ ଭିତ୍ତି କରି ପୋଲିସ ଏକ କେସ୍ ରୁଜୁ କରିଥିଲା। ସେହିବର୍ଷ ସେପ୍ଟେମ୍ବର ୯ରେ ପୋଲିସ୍ ଅଭିଯୁକ୍ତ ସାଗରଙ୍କୁ ଗିରଫ କରିଥିଲା। ୨୦୨୧ ନଭେମ୍ବର ୧ରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ପୋକ୍ସୋ କୋର୍ଟରେ ମାମଲାର ବିଚାର କରାଯାଇ ଶନିବାର ରାୟ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## କମ୍ୟୁନିଟି ହଲ୍ ଶିଳାନ୍ୟାସ କଲେ ବିଧାୟକ



ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କମ୍ୟୁନିଟି ହଲ୍‌ର ଶିଳାନ୍ୟାସ କରୁଛନ୍ତି।

କଟକ,୨୪।୨(ଶିଳ୍ପା ପ୍ରିୟଦର୍ଶିନୀ)

ୱାର୍ଡ ନଂ-୨୯ ପିଠାପୁର ନୂଆସାହିଠାରେ ଶନିବାର ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କମ୍ୟୁନିଟି ହଲ୍‌ର ଶିଳାନ୍ୟାସ କରିଛନ୍ତି। ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ମୋକିମ ତାଙ୍କ ବିଧାୟକ ପାଣ୍ଠି ଅନୁଦାନରେ ଏହି କମ୍ୟୁନିଟି ହଲ ନିର୍ମାଣ କରିବେ। ତୁରନ୍ତ ଏହାର କାର୍ଯ୍ୟ ଶେଷ କରିବାକୁ ମୋକିମ ନିର୍ଦ୍ଦେଶ ଦେଇଛନ୍ତି। ସାହିର ମୁରବିମାନେ ମୋକିମଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ କୃତଜ୍ଞତା ଓ ଶୁଭେଚ୍ଛା ଜଣାଇବା ସହିତ ୱାର୍ଡ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହି ସଭାପତି ଆକୁଆ ସାମଲ, ସମ୍ପାଦକ ବିରେନ୍ଦ୍ର ସାମଲ, ଉପଦେଷ୍ଟା ଅଶୋକ କୁମାର ପୃଷ୍ଟି, ପ୍ରମୋଦ କୁମାର ରଥ, କାଳିଆ ସାମଲ, ସୁରେନ୍ଦ୍ର ସାମଲ, ବାବୁଲା ସାମଲ, ଜାଗା ସାମଲ, ଜଟିଆ ସାମଲ, ଗୋପଲ ସାମଲ, ବଟୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଦମୟନ୍ତୀଙ୍କ ଶେଷକୃତ୍ୟ ସମ୍ପନ୍ନ

ପୁରୀ, ୨୪।୨(ଅଜିତ୍ ମହାନ୍ତି)

ମୃତ୍ୟୁ ପରେ ଶରୀରର ଅଙ୍ଗଦାନ କରି ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଥିବା କେନ୍ଦୁଝର ଜିଲା ବରେଇଗୋଡ଼ା ଗାଁର ବନିତା ଓ ଦୁଃଖବନ୍ଧୁ ମହାନ୍ତଙ୍କ କନିଷ୍ଠା କନ୍ୟା ଦମୟନ୍ତୀଙ୍କର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଦମୟନ୍ତୀଙ୍କ ମାତାପିତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଶନିବାର ଦମୟନ୍ତୀଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ କରାଯାଇଥିଲା। ଦମୟନ୍ତୀଙ୍କ ବଡ଼ବାପା ଧନେଶ୍ୱର ମହାନ୍ତ ମୁଖାଗ୍ନି ଦେଇଥିଲେ। ଦମୟନ୍ତୀଙ୍କ ମାତାପିତାଙ୍କ ସମେତ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଓଡ଼ିଶା ମୋ ପରିବାର- ଜୀବନବିନ୍ଦୁ ଯୁଗ୍ମ ସଂଯୋଜକ ଷ୍ଟାଲିନ୍ ପରିଜା, ସ୍ୱର୍ଗଦ୍ୱାର ସେବା ସମିତି ସମ୍ପାଦକ ସିଦ୍ଧାର୍ଥ ରାୟ, ବରିଷ୍ଠ ପରାମର୍ଶଦାତା ବ୍ରଜକିଶୋର ସାହୁ ଏବଂ ସାମାଜିକ କର୍ମୀ ବଦ୍ରି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଦମୟନ୍ତୀ ଆଉ ଆମ ସହିତ ନାହାନ୍ତି ସତ, କିନ୍ତୁ ସେ ଅନ୍ୟମାନଙ୍କୁ ଦେଇଥିବା ଜୀବନର ଉପହାର ମାଧ୍ୟମରେ ତାଙ୍କ ଆତ୍ମା ବଞ୍ଚିଛି। ତେଣୁ 'ଅଙ୍ଗଦାନ କରିବା ଏବଂ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିବାକୁ ଦମୟନ୍ତୀଙ୍କ ମାତାପିତା ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଦମୟନ୍ତୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ। ଡାକ୍ତରଙ୍କ କଠିନ ପରିଶ୍ରମ ସତ୍ତ୍ୱେ ତାଙ୍କ ମସ୍ତିଷ୍କ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଶେଷରେ ଗତ ୨୦ ତାରିଖରେ ଡାକ୍ତର ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିଥିଲେ।



ଭୁବନେଶ୍ୱର ଘାଟିକିଆ ନିକଟସ୍ଥ ଶ୍ୟାମପୁର ମହା ଅନନ୍ତଜୀଉ ଆଶ୍ରମ ପରିସରରେ ବାବା ଅଭିରାମ ସରସ୍ୱତୀଙ୍କ ଦ୍ୱାରା ରଚିତ ସଂସ୍କାରଧର୍ମୀ ପତ୍ରିକା 'ଅନନ୍ତାମୃତ'ର ପାଠକାର୍ପଣ କରାଯାଉଛି।

## ୨୬ରେ ଲୋକସେବା ଭବନ ଘେରିବ କଂଗ୍ରେସ

କଟକ,୨୪।୨(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ୨୬ ତାରିଖରେ ବିଭିନ୍ନ ପ୍ରସଙ୍ଗ ନେଇ ଲୋକସେବା ଭବନ ଘେରିବ କଂଗ୍ରେସ। ବିଜେଡି ଓ ଭାଜପା ସରକାରର ବିଫଳତା ଏବଂ ଦୁର୍ନୀତି ବିରୁଦ୍ଧରେ ଏହି ଘେରାଉ କରାଯିବ ବୋଲି ଶନିବାର ଲିଙ୍କରୋଡ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ମୁଖପାତ୍ର ଅଶୋକ ସ୍ୱାଇଁ ସୂଚନା ଦେଇଛନ୍ତି। ରାଜ୍ୟରେ ଦୀର୍ଘ ୨୪ ବର୍ଷ ଧରି ବିଜେଡି ସରକାର ଏବଂ ୧୦ ବର୍ଷ ଧରି କେନ୍ଦ୍ରରେ ଭାଜପା ସରକାର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ସଂପୂର୍ଣ୍ଣ ବିଫଳ ହୋଇଛି। ୧ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି ୨୦ ହଜାର କୋଟି ଟଙ୍କାର ଚିଟଫଣ୍ଡ ଦୁର୍ନୀତି, ୩୩ ହଜାର କୋଟି ଟଙ୍କାର ପାନୀୟ ଜଳ ଯୋଗାଣ ଯୋଜନାର ଠିକା ଦୁର୍ନୀତି, ବିଦ୍ୟୁତ କ୍ଷେତ୍ରର ଭିତ୍ତିଭୂମିର ପୁର୍ନବିନ୍ୟାସ ପାଇଁ ୩୫ ହଜାର କୋଟି ଟଙ୍କା ଖର୍ଚ୍ଚର ଦୁର୍ନୀତିର ଗନ୍ତାଘର ପାଲଟିଯାଇଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ଏପରିକି ରାଜ୍ୟର ସମସ୍ତ ବ୍ଲକ୍‌କୁ ୩୫ ପ୍ରତିଶତ ଜଳସେଚନ ଯୋଗାଇବାରେ ବିଫଳତା, କୃଷକ ଆତ୍ମହତ୍ୟା, କୃଷକ ଋଣଭାରରେ ବୁଡ଼ି ରହିବାଏବଂ ରାଜ୍ୟରେ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ହୋଇ ନ ପାରିବା ଏବଂ ରାଜ୍ୟରେ ମହିଳାଙ୍କ ସମସ୍ୟା ଆଜି ଅତ୍ୟନ୍ତ ଉତ୍କଟଜନକ ରହିଛି। ସମସ୍ତ ସମସ୍ୟାକୁ ନଜରରେ ରଖି ୨୬ ତାରିଖରେ ହଜାର ହଜାର କଂଗ୍ରେସ କର୍ମୀ କଟକରୁ ଯୋଗଦେଇ ଲୋକସେବା ଭବନ ଘେରି ଏହି ଦିଗରେ ସମାଧାନ ଆଣିବା ସରକାରଙ୍କୁ ଚେତାବନୀ ଦେବେ ବୋଲି କଂଗ୍ରେସ ମୁଖପାତ୍ର କହିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ଉପସଭାପତି ମନୋଜ ବିଶ୍ୱାଳ, ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ, ଉପସଭାପତି ଶିଶିର ରଥ, ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, ସଦର ସଭାପତି ରାମଚନ୍ଦ୍ର ଗୋଛାୟତ ଉପସ୍ଥିତ ଥିଲେ।

## ଓଟିଏମ୍ ଜମିରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଟେଣ୍ଡର

ମଙ୍ଗୁଳି-ଜଗତପୁର,୨୪।୨(ମାନସ ସାମଲ)

ଚୌଦ୍ୱାର ପୌରପାଳିକା ଅଧୀନ ଓଟିଏମ୍ ଜମିରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ବାହାରିଛି। ଏହି ଟେଣ୍ଡର ଆଗାମୀ ୨୬ ତାରିଖ ସୁଦ୍ଧା ପକାଇବାକୁ ପୌରପାଳିକା ପକ୍ଷରୁ ୱେବ୍‌ସାଇଟରେ ବିଜ୍ଞପ୍ତି ଜାରି ହୋଇଛି। ଓଟିଏମ୍ ଜମିରେ ପୋଖରୀ ଉନ୍ନତୀକରଣ, ରାସ୍ତାରେ ଫେବର ପକାଇବା, ଡ୍ରେନ ମରାମତି ପାଇଁ ୯୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସ୍ଥିର ହୋଇଛି। ଏହି ଟେଣ୍ଡର ଲୋକଙ୍କ ପାଇଁ ନୁହେଁ କର୍ମୀଙ୍କ ମାଧ୍ୟମରେ ନିର୍ବାଚନୀ ପାଣ୍ଠି ଯୋଗାଡ଼ ବୋଲି ଚୌଦ୍ୱାର ଭାଜପା ମଣ୍ଡଳ ସଭାପତି ସନ୍ତୋଷ ସାହୁ ଚୌଦ୍ୱାର ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଟିଏମ୍ କଲୋନୀକୁ ରାଜ୍ୟ ସରକାର ଇଡ୍‌କୋ ମାଧ୍ୟମରେ ବିସ୍ଥାପନ ପାଇଁ ଯୋଜନା କରୁଥିବାବେଳେ ସେହି ଜମିରେ ପୌରପାଳିକା ମାଧ୍ୟମରେ ବିକାଶ ପାଇଁ ୯୩ ଲକ୍ଷ ଟଙ୍କାର ଟେଣ୍ଡର ଡକାଇବା କେବଳ ଲୋକଙ୍କୁ ଭୂଆଁ ବୁଲାଇବା ସଦୃଶ୍ୟ। ଓଟିଏମ୍ କଲୋନୀ ଉଚ୍ଛେଦ ହେବ ନା ସେଠାରେ ବିକାଶ କରାଯିବ ପୌରପାଳିକା ସ୍ପଷ୍ଟୀକରଣ ରଖୁ ବୋଲି ସଭାପତି ସନ୍ତୋଷ କହିଥିଲେ। ନିର୍ବାଚନ ତାରିଖ ବହୁ ଶୀଘ୍ର ଘୋଷଣା ହେବାକୁ ଥିବାରୁ ଏ ଟେଣ୍ଡର ମାଧ୍ୟମରେ ବହୁ ଅର୍ଥ ବିନିଯୋଗ ନ କରି ଥଇଥାନ ଜାଗାରେ ଖର୍ଚ୍ଚ ହେଲେ ଜନସାଧାରଣ ହିତରେ ଲାଗିବ। ଯଦି ଚୌଦ୍ୱାର ପୌରପାଳିକା ସ୍ପଷ୍ଟୀକରଣ ନ କରି ଟେଣ୍ଡର ମଞ୍ଜୁର କରେ ଠିକାଦାରକୁ କାର୍ଯ୍ୟ କରାଇ ନ ଦେବା ସହ ଆଗାମୀ ଦିନରେ ପୌରପାଳିକାକୁ ଘେରାଉ କରାଯିବ ବୋଲି ସମ୍ପାଦକ ସଞ୍ଜିତ୍ ମହାନ୍ତି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କୃଷକ ମୋର୍ଚ୍ଚା ସଭାପତି ଦୀପକ ସ୍ୱାଇଁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ବେହେରା, ଯୁବ ସଭାପତି ତନ୍ମୟ ସାହୁ, ସୁରେନ୍ଦ୍ର ସାହୁ, ଦିବ୍ୟ ରଞ୍ଜନ ବଳ, ଦୀପକ ବେହେରା ପ୍ରମୁଖଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ୱାର୍ଡ ଓ ବୁଥ ସଭାପତି ଉପସ୍ଥିତ ଥିଲେ।

## ବାସ୍ତ୍ରି ମଠରେ ନାମ ସଂକୀର୍ତ୍ତନର ହୀରକ ଜୟନ୍ତୀ



ହୀରକ ଜୟନ୍ତୀ ଅବସରରେ ନାମ ସଂକୀର୍ତ୍ତନ କରାଯାଉଛି।

କଟକ,୨୪।୨ (କାର୍ତ୍ତିକ ସାହୁ)

ବଢ଼େଇସାହି ଗ୍ରାମ ମଙ୍ଗଳ ସମିତି ଆନୁକୂଲ୍ୟରେ ବାସ୍ତ୍ରି ମଠରେ ଶ୍ରୀଶ୍ରୀ ରାଧାମୋହନ ଦେବଙ୍କ ହୀରକ ଜୟନ୍ତୀ ନାମ ସଂକୀର୍ତ୍ତନ ମହୋତ୍ସବ ଶନିବାର ପାଳିତ ହୋଇଛି। ସାହି ମୁରବିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ନାମ ସଂକୀର୍ତ୍ତନ ସମାରୋହ ୭୫ ବର୍ଷରେ ପଦାର୍ପଣ କରିଛି। ସେଥିପାଇଁ ଏଥର ନୂତନ ଉତ୍ସାହ, ଉଦ୍ଦିପନାର ସହ ସାହିବାସିନ୍ଦା ଏକତ୍ରିତ ହୋଇଛନ୍ତି। ୭୨ ଦିଗଭାଗର ସର୍ବାଧିକାରୀ, ୪ଟି ଯାକ ଦିଗଭାଗର ଅଧିକାରୀ, ମହନ୍ତ, କଟୁଆଳ, ସଭ୍ୟବୃନ୍ଦଙ୍କ ଗହଣରେ ସଂକୀର୍ତ୍ତନପ୍ରେମୀ ହରିନାମରେ ମସ୍‌ଗୁଲ ଅଛନ୍ତି। ବଢ଼େଇସାହି ସଂକୀର୍ତ୍ତନ ମଣ୍ଡଳୀ ଅଧିକାରୀ ତଥା ସାହି ସମ୍ପାଦକ କରୁଣାକର ମହାରଣା, ସଭାପତି ପରିକ୍ଷିତ ମହାରଣାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ରବିବାର ନଗର ପରିକ୍ରମା ପରେ ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହେବ।

## ମାର୍ଚ୍ଚ ୫ ସୁଦ୍ଧା ସ୍ଥାପନ ହେବ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି

କଟକ,୨୪।୨ (କାର୍ତ୍ତିକ ସାହୁ)

ବକ୍ସିବଜାର ଛକରେ ଆଗାମୀ ମାର୍ଚ୍ଚ ୫ ତାରିଖ ସୁଦ୍ଧା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ। ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ଏକ କଂକ୍ରିଟ ପିଣ୍ଡି କରାଯିବା ପରେ ପୂର୍ବରୁ ନିର୍ମାଣ ହୋଇ ରହିଥିବା ବକ୍ସିଙ୍କ ପ୍ରତିମୂର୍ତ୍ତିକୁ ଆନୁଷ୍ଠାନିକ ଭାବେ ସ୍ଥାପନା କରାଯିବ। ଶନିବାର କଟକ ମହାନଗର ନିଗମର ନୂତନ କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ମେୟର ସୁବାସ ସିଂ, ଡେପୁଟି କମିଶନର ଅଜୟ ମହାନ୍ତି ଓ ଶିଳ୍ପୀ ଲକ୍ଷ୍ମୀଧର ରଣା ଏବଂ ଅନ୍ୟ ଅଧିକାରୀ ବକ୍ସି ବଜାର ବ୍ୟବସାୟୀ ସଂଘ ଓ ବକ୍ସି ଜଗବନ୍ଧୁ ସ୍ମୃତି କମିଟିର ସଭାପତି ସଲିଲ ଘୋଷଙ୍କ ଉପସ୍ଥିତିରେ ଏନେଇ ବିସ୍ତୃତ ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟ କରିବା ପାଇଁ ମୂର୍ତ୍ତି କାରିଗରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିବା ସ୍ମୃତି କମିଟିର ସଭାପତି ଘୋଷ ସୂଚନା ଦେଇଛନ୍ତି।

## ମାର୍ଚ୍ଚ ୧ରେ କଟକ ଆସିବେ ରାଷ୍ଟ୍ରପତି

କଟକ, ୨୪।୨(ଶିଳ୍ପା ପ୍ରିୟଦର୍ଶିନୀ)

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେବେ

ଆସନ୍ତା ମାର୍ଚ୍ଚ ୧ରୁ ୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଶାଖା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଶାଖାର ପ୍ରତିନିଧିମାନେ ଏହି ଉତ୍ସବରେ ଯୋଗଦେବେ। ଏଥିସହ ମାର୍ଚ୍ଚ ୧ ତାରିଖ ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦଘାଟନ କରିବା ସହ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବେ। ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ପ୍ରଜାପିତା ବ୍ରହ୍ମାକୁମାରୀ ଓଡ଼ିଶା ମୁଖ୍ୟ ବ୍ରହ୍ମାକୁମାରୀ କମଲେଶ ମଧ୍ୟ ଉପସ୍ଥିତ ରହିବେ ବୋଲି ଶନିବାର ଝାଞ୍ଜିରୀମଙ୍ଗଳାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଶାଖାର ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ସୁଲୋଚନା ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ଦିବସ ସକାଳେ ଖାନନଗର ମଲାଚଣ୍ଡିଆ ଛକଠାରୁ ଜୁଡିସିଆଲ ଏକାଡେମୀ ପର୍ଯ୍ୟନ୍ତ ମାନବ ଶୃଙ୍ଖଳ କରାଯିବ। ଉତ୍ସବର ଦ୍ୱିତୀୟ ଦିନ ବା ମାର୍ଚ୍ଚ ୨ରେ ଫୁଲନଖରାସ୍ଥିତ ଓମ୍‌ଫେଡ ପଡିଆଠାରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ମାଉଣ୍ଟଆବୁରୁ ବ୍ରହ୍ମକୁମାର ହରିଶ ଯୋଗଦେଇ ମ୍ୟାଜିକ ଶୋ' ପ୍ରଦର୍ଶନ କରିବେ ଓ ଏକ ଶୋଭାଯାତ୍ରା କଟକ ସହର ପରିକ୍ରମା କରିବ। ସେହିପରି ତୃତୀୟ ଦିନ ମାର୍ଚ୍ଚ ୩ରେ ଓମ୍‌ଫେଡ୍ ପଡ଼ିଆରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହ ଦିବ୍ୟ ସମର୍ପଣ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ଉକ୍ତ ଖବରଦାତା ସମ୍ମିଳନୀରେ ବ୍ରହ୍ମାକୁମାର ନାଥମଲ, ବ୍ରହ୍ମାକୁମାରୀ ପ୍ରତିଭା ଓ ବ୍ରହ୍ମାକୁମାରୀ ଲିନା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଟକ ଶାଖାର ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ସୁଲୋଚନା ଏବଂ ଅନ୍ୟମାନେ ସୂଚନା ଦେଉଛନ୍ତି।

## 'ଭାଇଚାରାକୁ ସମୃଦ୍ଧ କରୁଛି ଅଗ୍ନି ମହୋତ୍ସବ'




ଅଗ୍ନି ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ଅନ୍ୟ ଅତିଥି।

କଟକ,୨୪।୨(କାର୍ତ୍ତିକ ସାହୁ)

### କଟକ ସହର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଅଗ୍ନି ମହୋତ୍ସବ ଉଦ୍‌ଯାପିତ

ଭାଇଚାରାର ସହର କଟକ। ଏଇ ଭାଇଚାରାକୁ ସମୃଦ୍ଧ କରୁଛି ଅଗ୍ନି ମହୋତ୍ସବ। କଟକ ସହର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ଅଗ୍ନି ମହୋତ୍ସବର ଶନିବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ଏହା କହିଛନ୍ତି। ବିଶିଷ୍ଟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ରୁଚି ମସଲାର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ପାଞ୍ଚସାହି ସଭାପତି ରବୀନ୍ଦ୍ର ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିଳ୍ପପତି ସୁରେଶ କୁମାର ସାହୁଙ୍କୁ ସାଧବଶ୍ରୀ, ପ୍ରଶାସକ ନାରାୟଣ ସାହୁଙ୍କୁ ସାଧବ ସାରସ୍ୱତ, ଫୁଟବଲ ଖେଳାଳି ଦିଲୀପ ସାହୁଙ୍କୁ ସାଧବ ରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା। ମନୋରଞ୍ଜନ ସାହୁ, ରାକେଶ ସାହୁ, ରବି ସାହୁ, ଜିତେନ୍ଦ୍ର ସାହୁ, ଜଗବନ୍ଧୁ ସାହୁ, ସୁବାସିନୀ ସାହୁ ଓ ମମତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

